# ଲୁଣାପାଣି ଅଟକାଇବା ପାଇଁ ବନ୍ଧ ବାନ୍ଧିଲେ ଚାଷୀ

**ଆରଡ଼ି, ୨୦।୧୧ (ଡି.ଏନ.ଏ.)**

ପ୍ରଥମେ ମରୁଡ଼ିର ପଦଧ୍ୱନି। ପରେ ବାତ୍ୟାର ତାଣ୍ଡବ। ଯାହା କିଛି ଫସଲ ଥିଲା ଏବେ ବି ପାଣିରେ ଭାସୁଛି। ଖରିଫ ଫସଲ ନଷ୍ଟ ପରେ ଏବେ ମୁଣ୍ଡରେ ହାତଦେଇ ବସିଛନ୍ତି ଚାଷୀ। ଏବେ ଟାଇରୁଙ୍ଗ ଚାଷ ଲାଗି ଆଗଭର ହେଲା ବେଳକୁ ଚାଷୀଙ୍କ ମନରେ ଲୁଣାପାଣି ଭୟ। ଗତବର୍ଷ ଲୁଣାପାଣିରେ ସମ୍ପୂର୍ଣ୍ଣ ଫସଲ ଉଜୁଡ଼ି ଯାଇଥିଲା। ଚଳିତବର୍ଷ ଯେପରି ଅନୁରୂପ ସ୍ଥିତି ସୃଷ୍ଟି ନ ହେବ ସେଥିପାଇଁ ପଦକ୍ଷେପ ନେଇଛନ୍ତି ଚାଷୀ। ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି ତିହିଡ଼ି ବ୍ଲକର ତଳଦୁମୁକା ଗାଁର ପ୍ରାୟ ୬୦ ଜଣ ଚାଷୀ ଗାଁ ନିକଟ ଦେଇ ବହି ଯାଇଥିବା ସାଳନ୍ଦୀ ଶାଖା ହଂସଡିଆଁ ନଦୀ ପାର୍ଶ୍ୱରେ ବନ୍ଧ ବାନ୍ଧିଛନ୍ତି। ନିଜସ୍ୱ ଖର୍ଚ୍ଚରେ ସେମାନେ ବାଉଁଶ କିଣିବା ସହ ମାଟି ହାଣି ବନ୍ଧ କରିଛନ୍ତି।

ପୂର୍ବରୁ ଏହି ନଦୀ ଉପରେ ସ୍ଲୁଇସ୍‌ଗେଟ୍ କରିବାକୁ ବିଧାୟକ, ମନ୍ତ୍ରୀ, ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ଛଡ଼ା ଅନ୍ୟ କିଛି ମିଳିନି ବୋଲି ଚାଷୀମାନେ କହିଛନ୍ତି। ଏହି ନଦୀ ଉପରେ ସ୍ଲୁଇସ୍ ଗେଟ୍ ନିର୍ମାଣ କରାଗଲେ କେବଳ ତଳଦୁମୁକା ନୁହେଁ ଧାମନଗର ଓ ଚାନ୍ଦବାଲି ବ୍ଲକର ୧୫ ଖଣ୍ଡ ଗାଁର ଚାଷୀ ଏହାଦ୍ୱାରା ଉପକୃତ ହୋଇପାରନ୍ତେ ବୋଲି ସେମାନେ ପ୍ରକାଶ କରିଥିଲେ। ଏବେ ଯେଉଁ ବନ୍ଧ ବନ୍ଧା ଯାଉଛି ଅମାବାସ୍ୟା ଓ ପୂର୍ଣ୍ଣିମା ତିଥିରେ ସମୁଦ୍ରରେ ଉଚ୍ଚ ଜୁଆର ଉଠିଲେ ବନ୍ଧର ଉପରିଭାଗରେ ପଛାଲ କାଟି (ମାହାରା କରି) ନଦୀର ଅପରପାର୍ଶ୍ୱକୁ ପାଣି ଛଡ଼ାଯିବ। ଚାଷୀମାନେ ସେହି ଜଳକୁ ନିଜ ଚାଷ କିଆରିରେ ମଡ଼ାଇ ପାରିବେ। ଆଉ ଲୁଣା ଜୁଆର ଆସିଲେ ବନ୍ଧ ଥିବାରୁ ଫସଲର କୌଣସି କ୍ଷତି ହେବ ନାହିଁ ବୋଲି ସେମାନେ ସୂଚନା ଦେଇଛନ୍ତି। ତେବେ ଏଠାରେ ଏକ ସ୍ଲୁଇସ୍ ଗେଟ୍ ନିର୍ମାଣ କରାଯିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଚଳିତବର୍ଷ ସେମାନଙ୍କ ଦାବିକୁ ଉପେକ୍ଷା କରାଗଲେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି।


ଚାଷୀମାନେ ହଂସଡିଆଁ ନଦୀରେ ବନ୍ଧ ବାନ୍ଧୁଛନ୍ତି।

## ସଂକ୍ଷେପରେ

### ପେଟ୍ରୋଲ ପମ୍ପରେ ଠକେଇ

**ଭଦ୍ରକ ଅଫିସ, ୨୦।୧୧:** ଭଦ୍ରକ ଜିଲା ଭଣ୍ଡାରିପୋଖରୀଠାରେ ଜାତୀୟ ରାଜପଥ କଡ଼ରେ ଥିବା ଏକ ପେଟ୍ରୋଲ ପମ୍ପରେ ମାପରେ ଠକେଇ କରାଯାଉଥିବା ନେଇ ବୁଧବାର ଜଣେ ଯୁବକ ଭାରପ୍ରାପ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ଗାଡ଼ିର ପେଟ୍ରୋଲ ଟାଙ୍କିର କ୍ଷମତା ୫ ଲିଟର ୫୦୦ ଥିବାବେଳେ ୬ ଲିଟରରୁ ଊର୍ଦ୍ଧ୍ୱ ପେଟ୍ରୋଲ ପକାଇ ତାଙ୍କଠାରୁ ସେ ବାବଦ ଟଙ୍କା ନେଇ ରସିଦ୍ ଦିଆଯାଇଛି। ସେ ଏହାର ପ୍ରତିବାଦ କରିବାରୁ ପେଟ୍ରୋଲ ପମ୍ପ ପକ୍ଷରୁ ତାଙ୍କୁ ଧମକ ଦିଆଯାଇଥିଲା। ଏହି ଘଟଣାରେ ତଦନ୍ତ କରି ଉକ୍ତ ପେଟ୍ରୋଲ ପମ୍ପର ବୈଧ ମାପର ଯାଞ୍ଚ କରାଯାଉ ବୋଲି ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ଜିଲାପାଳ ମିଶ୍ର ଉପଯୁକ୍ତ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ଯୁବକଙ୍କୁ କହିଥିଲେ।

### ୧୯୧ ଛାତ୍ରୀଛାତ୍ରଙ୍କୁ ଦିଆଗଲା ଟିକା

**ଭଦ୍ରକ ଅଫିସ, ୨୦।୧୧:** ଜାପାନୀ ଜ୍ୱର ନିରାକରଣ ସକାଶେ ପ୍ରତିଷେଧକ ଟିକାକରଣ ଲାଗି ଭଦ୍ରକ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବଣିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ଗୁରୁଗୋବିନ୍ଦ ଘଡ଼ାଇଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ୧୯୧ ଜଣ ଛାତ୍ରୀଛାତ୍ରଙ୍କୁ ଟିକା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡ. ହିତେଶ ପରିଡ଼ା, ଏଏନ୍‌ଏମ୍ ବିନୋଦିନୀ ସାହୁ, ଏଡବ୍ଲ୍ୟୁ ମାନସୀଲତା ପଣ୍ଡା, ଆଶାକର୍ମୀ ପ୍ରତିମା ବେହେରା ଯୋଗଦେଇ ଟିକାକରଣ କରାଇଥିଲେ। ବିଦ୍ୟାଳୟର ଆଚାର୍ଯ୍ୟା ଓ ଆଚାର୍ଯ୍ୟମାନେ ସହଯୋଗ କରିଥିଲେ।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା: ଅଭିଯୁକ୍ତ ଗିରଫ

**ତିହିଡ଼ି, ୨୦।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ବୁଧପୁର ଗ୍ରାମର ଗତିକାନ୍ତ ଜେନା ନାମକ ଜଣେ ଯୁବକଙ୍କୁ ରବିବାର ସକାଳେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ମୁରଲୀ ସାହୁଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଉଲ୍ଲେଖନୀୟ ଯେ, ଗତିକାନ୍ତ ତାଙ୍କର ଜଣେ ବନ୍ଧୁଙ୍କ ସହ ନନ୍ଦପୁର ବଜାରଠାରୁ କିଛି ଦୂରରେ ଠିଆ ହୋଇଥିବାବେଳେ ତାଳପଦା ଗୋପସାହି ଗ୍ରାମର ମୁରଲୀ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଏ ନେଇ ଅଭିଯୋଗକ୍ରମେ ତିହିଡ଼ି ଥାନା ପୋଲିସ ଏକ ମାମଲା(ନଂ.୪୮୮/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ଅପରପକ୍ଷେ ମୁରଲୀଙ୍କ ସ୍ତ୍ରୀ ଅଭିଯୋଗରେ ଦର୍ଶାଇଥିଲେ ଯେ, ଗତିକାନ୍ତ ଓ ଅନ୍ୟ କେତେଜଣ ବ୍ୟକ୍ତି ତାଙ୍କ ଫାଟକକୁ ବାଡ଼େଇବା ସହ ଗାଳିଗୁଲଜ କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ସେମାନେ ତାଙ୍କ ଘରେ ପଶି ଭଙ୍ଗାରୁଜା କରିଥିଲେ। ଏହି ଅଭିଯୋଗ କ୍ରମେ ଥାନାରେ ଅନ୍ୟ ଏକ ମାମଲା (ନଂ.୪୮୯/୧୯) ରୁଜୁ ହୋଇଥିଲା।

# ଚକ୍ଷୁ ପରୀକ୍ଷା କଲେ ୭୫ ରୋଗୀ

**ତିହିଡ଼ି, ୨୦।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜାମଯୋଡ଼ି ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଚକ୍ଷୁ ଚିକିତ୍ସା ଶିବିରରେ ମୋଟ ୭୫ ରୋଗୀଙ୍କ ଚିକିତ୍ସା କରାଯାଇଛି। ସେମାନଙ୍କ ମଧ୍ୟରୁ ୧୮ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ଲାଗି ଚିହ୍ନଟ କରାଯାଇ ଭଦ୍ରକ ପଠାଯାଇଥିଲା। ଶିବିରରେ ଡା. ଶହେଶକାନ୍ତ ବେହେରା ଓ ଜ୍ୟୋତ୍ସ୍ନାରାଣୀ ଗିରି ଚିକିତ୍ସା କରିଥିଲେ। କ୍ୟାମ୍ପ ପରିଚାଳକ ରାମଚନ୍ଦ୍ର ବେହେରା ଓ ମିତାରାଣୀ ନାୟକ ଏଥିରେ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ମହତାବ ଜୟନ୍ତୀ ମହୋତ୍ସବ ଉଦ୍‌ଘାଟିତ

**ବନ୍ତ,୨୦।୧୧(ସ୍ୱ.ପ୍ର.)**

ନବଉତ୍କଳର ନିର୍ମାତା ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୦ତମ ଜୟନ୍ତୀ ମହୋତ୍ସବ ବୁଧବାର ବନ୍ତ ବ୍ଲକ ଆଗରପଡ଼ାସ୍ଥିତ କୃଷ୍ଣଚରଣ ବିଦ୍ୟାମନ୍ଦିର ପରିସରରେ ଉଦ୍‌ଘାଟିତ ହୋଇଛି। ମହତାବ ଜୟନ୍ତୀ କମିଟି ପକ୍ଷରୁ ଦୁଇଦିନ ବ୍ୟାପୀ ଏହି ଜିଲାସ୍ତରୀୟ ମହୋତ୍ସବକୁ ମୁଖ୍ୟଅତିଥି ଭାବେ ପୁରୁଷଣ୍ଡ ସେବା ସମବାୟ ସମିତି ସଭାପତି ନାରାୟଣ ଚନ୍ଦ୍ର ଉଦ୍‌ଗାତା ଉଦ୍‌ଘାଟନ କରିଥିଲେ। ମହତାବଙ୍କ ପାଇଁ ଜନ୍ମମାଟି ଆଗରପଡ଼ାର ଆଗାମୀ ପିଢ଼ି ଗର୍ବ ଅନୁଭବ କରିବା ସହିତ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ୧୪ ନଂ ଜୋନ ଜିଲାପରିଷଦ ସଭ୍ୟ ତଥା ଜୟନ୍ତୀ କମିଟି ସଭାପତି ପ୍ରଶାନ୍ତ କୁମାର ଦାଶ, ପୁରୁଷଣ୍ଡ ସମିତିସଭ୍ୟ ଦିଲୀପ କୁମାର ପୁହାଣ, ଡାକ୍ତର ବିଭୂତି ଭୂଷଣ ମିଶ୍ର, ନନ୍ଦକିଶୋର ନାୟକ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ମହତାବଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଜୋନ୍ ବିଜେଡି ସଭାପତି କାହ୍ନୁଚରଣ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଶିକ୍ଷକ ରବୀନ୍ଦ୍ର କୁମାର ଜେନା ଅତିଥି ପରିଚୟ ପ୍ରଦାନ ଓ କମିଟି ସଭ୍ୟ ବିଶ୍ୱଜିତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗୁରୁବାର ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସମେତ ବହୁ ନେତୃମଣ୍ଡଳୀ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଜୟନ୍ତୀ କମିଟି ସମ୍ପାଦକ ପ୍ରଦ୍ୟୁମ୍ନ ପୁହାଣ ସୂଚନା ଦେଇଛନ୍ତି।



ମହୋତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



## ସଂକ୍ଷେପରେ

ଆଶ୍ରମ ବିଦ୍ୟାଳୟରେ ଯୌନ ନିର୍ଯାତନା ଘଟଣା

### ୪ ନାବାଳକଙ୍କୁ ଡାକ୍ତରୀ ପରୀକ୍ଷା କରାଗଲା

ସୋର, ୨୦।୧୧(ଡି.ଏନ୍.ଏ.)- ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳର ଏକ ଆବାସିକ ବିଦ୍ୟାଳୟର ଜଣେ ନାବାଳିକା ଛାତ୍ରୀଙ୍କୁ ଯୌନ ଶୋଷଣ କରାଯିବା ଘଟଣା ନେଇ ପୋଲିସ ତଦନ୍ତ ଜାରି ରଖିଛି। କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ପୀଡିତାଙ୍କୁ ଭେଟି ତାଙ୍କ ବୟାନ ରେକର୍ଡ କରି ପୋଲିସ ଫେରିବା ପରେ ଆବାସିକ ବିଦ୍ୟାଳୟର ୪ ଜଣ ଛାତ୍ରଙ୍କ ବୁଧବାର ସୋର ହସ୍ପିଟାଲରେ ଡାକ୍ତରୀ ମାଇନା କରାଇଛି। ପୀଡିକାଙ୍କ ପରିବାରବର୍ଗ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଏହି ଘଟଣାରେ ୪ ଜଣ ଛାତ୍ରଙ୍କୁ ପଚରାଉଚରା କରି ପୋଲିସ ବୁଧବାର ଅପରାହ୍ନରେ ମଙ୍ଗଳବାର ସମ୍ପୃକ୍ତ ଆବାସିକ ବିଦ୍ୟାଳୟକୁ ଯାଇ ତଦନ୍ତ କରିଥିଲା । ତଦନ୍ତ ଜାରି ରହିଥିବାରୁ ପୋଲିସ ଅଧିକ ତଥ୍ୟ ଦେବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି ।

### ମହିଳା ନିଖୋଜ ନେଇ ଥାନାରେ ଏତଲା

ଜଳେଶ୍ୱର,୨୦।୧୧(ଡି.ଏନ.ଏ.)- ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଏକତାଳି ଅଞ୍ଚଳର ଜଣେ ମହିଳା ୧୯ ତାରିଖରୁ ନିଖୋଜ ଥିବା ନେଇ ପରିବାରବର୍ଗ ପୋଲିସରେ ଅଭିଯୋଗ କରିଛନ୍ତି। ସେମାନେ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ପୋଲିସର ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ପୋଲିସ ଏହି ଘଟଣାର ତଦନ୍ତ କରୁଥିବା କହିଛି।

### ଭିଡିଓ ଭାଇରାଲ: ସୁରକ୍ଷା ଦାବି କଲେ ଶିକ୍ଷୟିତ୍ରୀ

ଔପଦା,୨୦।୧୧(ଡି.ଏନ.ଏ.)- ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ତଳକିଆ ପଞ୍ଚାୟତର ଏକ ବିଦ୍ୟାଳୟରେ କେତେକ ଯୁବକ ଗଣ୍ଡଗୋଳ କରିବା ଘଟଣାର ଭିଡିଓ ଭାଇରାଲ ହୋଇଛି। ଗତ ୧୬ ତାରିଖରେ କେତେକ ଯୁବକ ବିଦ୍ୟାଳୟକୁ ଯାଇ ପାଟିତୁଣ୍ଡ କରିଥିଲେ। ଏହାପରେ ସେମାନେ ବ୍ଲକ ଶିକ୍ଷାଧିକାରୀଙ୍କୁ ଭେଟି ବିଦ୍ୟାଳୟ ସମସ୍ୟା ନେଇ ଅଭିଯୋଗ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଏହି ଘଟଣା ନେଇ କର୍ତ୍ତୃପକ୍ଷଙ୍କ ନିକଟରେ ମଧ ଲିଖିତ ଅଭିଯୋଗ କରିଥିଲେ । ଏହି ପରିପ୍ରେକ୍ଷୀରେ ଗଣ୍ଡଗୋଳ ଘଟଣାର ଭିଡିଓ ଭାଇରାଲ କରାଯିବାରୁ ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ନିଜ ସୁରକ୍ଷା ଦାବି କରି ବ୍ଲକ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

### ଜିଲାସ୍ତରୀୟ ଟି-୨୦ କ୍ରିକେଟ୍ ମ୍ୟାଚ୍ ପାଇଁ ପ୍ରସ୍ତୁତି

ରେମୁଣା,୨୦।୧୧(ଡି.ଏନ.ଏ.)- ବାଲେଶ୍ୱର ଜିଲା ରେମୁଣା ବ୍ଲକ ବରୁଣସିଂ ପଞ୍ଚାୟତରେ ଯୁବଶକ୍ତି କ୍ଲବ ଆନୁକୂଲ୍ୟରେ ୪୦ତମ ଜିଲାସ୍ତରୀୟ ଟି-୨୦ କ୍ରିକେଟ୍ ମ୍ୟାଚ୍ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶଶିକାନ୍ତ ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରିଥିଲେ। ଆସନ୍ତା ୧ ତାରିଖଠାରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ଟି-୨୦ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହେବ। ଏଥିରେ ୮ଟି ଦଳ ଯୋଗ ଦେବେ। ଖେଳରେ ଉଦ୍‌ଘାଟନ ଉତ୍ସବରେ ଦଳିତ ବିକାଶ ଏବଂ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାୟକ ଯୋଗଦେବା ସହିତ ଉଦ୍‌ଯାପନ ଦିବସରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସହିତ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର ଜେନା ଯୋଗଦେବେ ବୋଲି କ୍ଲବ ପକ୍ଷରୁ ସୂଚନା ମିଳିଛି।

# ପିଏକ୍ସଇର ବାର୍ଷିକ ସ୍ଥାପନା ଦିବସ ସମାରୋହ

## କମଳାକାନ୍ତ ଶ୍ରେଷ୍ଠ ବୈଜ୍ଞାନିକ, ବନମାଳୀ ଶ୍ରେଷ୍ଠ ପ୍ରୁଫ୍ ମ୍ୟାନ୍ ଭାବେ ପୁରସ୍କୃତ

ବାଲେଶ୍ୱର ଅଫିସ,୨୦।୧୧

ବାଲେଶ୍ୱର ଚାନ୍ଦିପୁର ସ୍ଥିତ ପ୍ରତିରକ୍ଷା ପ୍ରତିଷ୍ଠାନ ପିଏକ୍ସଇ (ପ୍ରୁଫ୍ ଆଣ୍ଡ ଏକ୍ସପେରିମେଣ୍ଟାଲ ଏଷ୍ଟାବ୍ଲିଶମେଣ୍ଟ) (ପ୍ରମାଣ ତଥା ପ୍ରାୟୋଗିକ ସ୍ଥାପନା)ର ୧୨୫ତମ ବାର୍ଷିକ ସ୍ଥାପନା ଦିବସ ବୁଧବାର ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଡିଆର୍‌ଡିଓ (ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭେଲପ୍‌ମେଣ୍ଟ ଅର୍ଗାନାଇଜେଶନ୍)ର ମୁଖ୍ୟ ବିଶିଷ୍ଟ ବୈଜ୍ଞାନିକ ଡ. ସତୀଶ ରେଡ୍ଡୀ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ପ୍ରତିରକ୍ଷା ସଂକ୍ରାନ୍ତ ଗବେଷଣା ତଥା ଯୁଦ୍ଧାସ୍ତ୍ର ପରୀକ୍ଷଣ କ୍ଷେତ୍ରରେ ପିଏକ୍ସଇର ଉଲ୍ଲେଖନୀୟ ଭୂମିକାର ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ମହାନିର୍ଦ୍ଦେଶକ (ଏଚ୍‌ଆର୍) କେ. ଏସ୍. ବରପ୍ରସାଦ, ନିର୍ଦ୍ଦେଶକ (ଏଚ୍‌ଆର୍) ଆଲୋକ ମାହି, ନିର୍ଦ୍ଦେଶକ (ଡିଓପି) ଜି.ଏସ୍. ଗୁପ୍ତା, ପିଏକ୍ସଇର ପୂର୍ବତନ ନିର୍ଦ୍ଦେଶକ ଗୋରାଚାନ୍ଦ ଦାସ, ଆର ଅପାଭୁରାଜ, ଆଇଟିଆର୍ (ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ (ସମନ୍ୱିତ ପରୀକ୍ଷଣ ପରିସର) ନିର୍ଦ୍ଦେଶକ ଡ. ବିନୟ କୁମାର ଦାସ ଏବଂ ପୂର୍ବତନ ନିର୍ଦ୍ଦେଶକ ଏମ୍.ଭି.କେ.ଭି. ପ୍ରସାଦ ପ୍ରମୁଖ ଯୋଗଦେଇ ଦେଶର ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଏହି ସର୍ବପୁରାତନ ପ୍ରତିରକ୍ଷା ପ୍ରତିଷ୍ଠାନ ପିଏକ୍ସଇର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।

ପିଏକ୍ସଇର ନିର୍ଦ୍ଦେଶକ ତଥା ବିଶିଷ୍ଟ ବୈଜ୍ଞାନିକ ଡି.କେ. ଯୋଶୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଉତ୍ସବ ସମିତିର ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଟେକ୍‌ନିକାଲ ଅଫିସର-'ବି' ବନମାଳି ଜେନାଙ୍କୁ ଶ୍ରେଷ୍ଠ ପ୍ରୁଫ୍ ମ୍ୟାନ୍ ପୁରସ୍କାର ତଥା ବୈଜ୍ଞାନିକ-'ଏଫ୍' ଡ. କମଳାକାନ୍ତ ଚାନ୍ଦଙ୍କୁ ଶ୍ରେଷ୍ଠ ବୈଜ୍ଞାନିକ ପୁରସ୍କାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାବ୍ୟତୀତ ଆଡ୍‌ମିନ୍ ଓ ଟେକ୍‌ନିକାଲ ବିଭାଗର ୧୯ଜଣଙ୍କୁ ଲ୍ୟାବ୍ ଆୱାର୍ଡ଼ ଓ ୮ଜଣଙ୍କୁ ୨୫ ବର୍ଷ କାର୍ଯ୍ୟକାଳ ପୂରଣ କରିଥିବାରୁ ମୋମେଣ୍ଟୋ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପିଏକ୍ସଇର କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ବରୁ ଆୟୋଜିତ ଡ୍ରଇଂ, ରଙ୍ଗୋଲି, କୁଇଜ୍ ତଥା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ କର୍ମଚାରୀ ଓ ପରିବାର ସଦସ୍ୟଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଡ. ହିମାଂଶୁ ଶେଖର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଉଛି।

## ନିମ୍ନମାନର ଓପିଡ଼ି ଗୃହ ନିର୍ମାଣ

# ଅଭିଯୋଗ ପରେ ତଦନ୍ତ କଲେ ଅଧିକାରୀ

ରୂପ୍‌ସା, ୨୦।୧୧(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଓପିଡି (ଆଉଟ୍‌ଡୋର ପେସେଣ୍ଟ ଡିପାର୍ଟମେଣ୍ଟ) ଗୃହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଏଥିଲାଗି ବ୍ୟୟ ଅଟକଳ ରହିଛି ୮୦ଲକ୍ଷ ଟଙ୍କା । ଏଥିରେ ହୋଇଥିବା ଅନିୟମିତତାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଧାୟକ ମଦନ ମୋହନ ଦତ୍ତ ଦାବି କରିଛନ୍ତି। ପିସି କାରବାର ଭଳି କାରଣ ଯୋଗୁ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ସେ ଦର୍ଶାଇଛନ୍ତି। ଏହି ପରିପ୍ରେକ୍ଷୀରେ ଆରଡ଼ି ଏସ୍‌ଡ଼ିଓ ଅଶ୍ୱିନୀ ଦଣ୍ଡପାଟ, ଜେଇ ଉମାଶଙ୍କର ବେହେରା, ଏନ୍‌ଆର୍‌ଏଚ୍‌ଏମ୍ ଜେଇ ରାଜଶ୍ରୀ ଦେ ପ୍ରମୁଖ ଶନିବାର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଘଟଣାର ଅନୁଧ୍ୟାନ କରି ଫେରିଛନ୍ତି। ସ୍ଥାନୀୟ ସରପଞ୍ଚ ପ୍ରତାପ ଦଳାଇ, ସମାଜସେବୀ ଜୟକୃଷ୍ଣ ବେହେରା, ସଚେତନ ନାଗରିକ ରାଜେନ୍ଦ୍ର ପଣ୍ଡା, ପ୍ରଶାନ୍ତ ପଟ୍ଟନାୟକ, ସଞ୍ଜୟ ପଟ୍ଟନାୟକ, ଅଭୟ ବାରିକ ଓ ବିଷ୍ଣୁପ୍ରସାଦ ଦାସ ପ୍ରମୁଖ ଅନୁରୂପ ଅଭିଯୋଗ କରି ନିମ୍ନମାନର କାମ ଯୋଗୁ ନିର୍ମାଣାଧୀନ ଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଥିବା କହିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ନନ୍ଦୁଲାଲ ଘଡ଼େଇଙ୍କୁ ପଚାରିବାରୁ କହିଛନ୍ତି, ବିଭାଗ ତରଫରୁ ଏହାର ତଦନ୍ତ କରାଯାଇଛି । ଠିକ୍ ମାନର କାର୍ଯ୍ୟ କରିବା ସକାଶେ ଏହା ମଧ୍ୟରେ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ଉଲ୍ଲେଖନୀୟ ଯେ, ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ସଦର ବ୍ଲକର ୩୭ପଞ୍ଚାୟତର ୩ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୨୭ଟି ଉପସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଗଡ଼ପଦା, ରାଉତପଡ଼ା, ଆମ୍ବଗଡ଼ିଆ, ରୂପ୍‌ସା, କସିପଦା, ଆଙ୍କୋ, ହଳଦୀପଦା, ଶ୍ରୀରାମପୁର, ରସଲପୁର ପ୍ରଭୃତି ପଞ୍ଚାୟତର ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇବା ପାଇଁ ଏହି କେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ଲାଗି ଜାତୀୟ ସ୍ୱାସ୍ଥ୍ୟ ମିଶନ ପ୍ରଦତ୍ତ ଅର୍ଥ ମଞ୍ଜୁର କରାଯାଇ ୨୦୧୭ରେ ନୂତନ ଓପିଡ଼ି ଗୃହ ନିର୍ମାଣ ସକାଶେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା।

# ୧୨ ଦିନ ପରେ ରାସ୍ତାରୁ ହଟିଲା ବରଗଛ

ରୂପ୍‌ସା,୨୦।୧୧(ଡି.ଏନ.ଏ.)-

'ବୁଲ୍‌ବୁଲ୍' ବାତ୍ୟା ଓ ବର୍ଷା ପ୍ରଭାବରେ ବାଲେଶ୍ୱର ସଦର ଥାନା ହଳଦୀପଦା ଫାଣ୍ଡି ଅନ୍ତର୍ଗତ ପଦାବଡ଼ଗାଁ ଗ୍ରାମ ରାସ୍ତାରେ ଏକ ପୁରୁଣା ବରଗଛ ଉପୁଡ଼ି ପଡ଼ିଥିଲା। ଏଥିଲାଗି ଦୀର୍ଘ ୧୨ଦିନ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଗାଁ ଲୋକେ ରାସ୍ତା ଉପରେ ପଡ଼ିଥିବା ଗଛ ପାର୍ଶ୍ୱ ଦେଇ ଅସୁବିଧାରେ ଯା'ଆସ କରୁଥିଲେ। ଏ ନେଇ ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତର ସ୍ୱଚ୍ଛ ସବୁଜ ଯୁବଗୋଷ୍ଠୀ ସଭାପତି ରାଜେଶ କୁମାର ସେଠୀଙ୍କ ସମେତ ପ୍ରଶାନ୍ତ ବାରିକ, ହେମନ୍ତ କୁମାର ଧଳ, ଅଭୟ ସେଠୀ ଓ ସର୍ବେଶ୍ୱର ସେଠୀ ପ୍ରମୁଖ ବୁଧବାର ସ୍ଥାନୀୟ ସାହୁପଡ଼ା ରାଜସ୍ୱ ନିରୀକ୍ଷକଙ୍କ ସହ ଯୋଗାଯୋଗ କରିଥିଲେ। ରାଜସ୍ୱ ନିରୀକ୍ଷକ ତୁରନ୍ତ ଜିଲା ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ଏ ସମ୍ପର୍କରେ ଅବଗତ କରାଇବା ପରେ ଟିମ୍‌ର କର୍ମଚାରୀ ଓ ଅଧିକାରୀ ପହଞ୍ଚି ଗଛ ଓ ଡାଳ କାଟି ରାସ୍ତାରୁ ବରଗଛ ହଟାଇଥିଲେ। ଏହାପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଦୀର୍ଘଦିନ ଧରି ରାସ୍ତା ଉପରେ ଗଛ ପଡ଼ି ରହିଥିବାରୁ ଆମ୍ବୁଲାନ୍ସ, ଦମକଳ ସେବା ସମେତ ଚାରିଚକିଆ ଯାନ ଯିବାଆସିବା କରି ପାରୁ ନ ଥିଲା।



ଏନ୍‌ଡିଆର୍‌ଏଫ୍ ଟିମ୍ ଦ୍ୱାରା ଉପୁଡି ପଡ଼ିଥିବା ବରଗଛ କଟାଯାଉଛି।

## 'ବୁଲ୍‌ବୁଲ୍' କ୍ଷୟକ୍ଷତିର ଆକଳନ କଲା ପ୍ରଶାସନ

ଜଳେଶ୍ୱର, ୨୦।୧୧- ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଞ୍ଚଳରେ 'ବୁଲ୍‌ବୁଲ୍'ରେ ହୋଇଥିବା କ୍ଷୟକ୍ଷତି ଆକଳନ କରି ବ୍ଲକ ପକ୍ଷରୁ ବୁଧବାର ସମ୍ପୂର୍ଣ୍ଣ ବିବରଣୀ ଜିଲା ପ୍ରଶାସନକୁ ଦିଆଯାଇଛି। ଏହି ବାତ୍ୟାରେ ୪ଦିନ ଲଗାଣ ବର୍ଷା ହେବାରୁ ଧାନ ଓ ପରିବା ଚାଷରେ ବ୍ୟାପକ କ୍ଷତି ଘଟିଥିଲା। ପ୍ରାରମ୍ଭିକ କ୍ଷୟକ୍ଷତି ଆକଳନରେ ମୋଟ୍ ୪୫ଟି ଘର ଓ ୨୫୦୦୦ ଏକର ଜମିର ଖରିଫ୍ ଚାଷ କ୍ଷତିଗ୍ରସ୍ତ ହୋଇଥିବାର ଆକଳନ କରାଯାଇଥିଲା। କିନ୍ତୁ ସମ୍ପୂର୍ଣ୍ଣ କ୍ଷୟକ୍ଷତି ଆକଳନ ପରେ ବ୍ଲକର ୩୫ଟି ପଞ୍ଚାୟତର ୨୪୪ ଗାଁର ୧୮୯୦୭ ଏକର ଖରିଫ୍ ଧାନ ଚାଷ କ୍ଷତିଗ୍ରସ୍ତ ହୋଇଥିବା ଦର୍ଶାଯାଇଛି। ଏଥିସହ ୧୨୨ଟି ଘର ଭାଙ୍ଗିଥିବାର ତଥ୍ୟ ମିଳିଛି। ତେବେ ରବି ଚାଷ କ୍ଷୟକ୍ଷତିର ଆକଳନ ଏଯାଏଁ ଆରମ୍ଭ ହୋଇନି। ଅନ୍ୟପକ୍ଷେ ପ୍ରଶାସନିକ ଆକଳନ ତୁଳନାରେ କ୍ଷତିର ପରିମାଣ ବହୁଅଧିକ ବୋଲି ବହୁ କୃଷିବିତ୍, ଛାମୁଆ କୃଷକ ସଂଘ ଓ ଚାଷୀମାନେ ଅଭିଯୋଗ କରିଛନ୍ତି।ଏ ସମ୍ପର୍କରେ ଜଳେଶ୍ୱର ତହସିଲଦାରେ କ୍ଷୀରୋଦ କୁମାର ପଣ୍ଡା କହଛନ୍ତି, ୧୮୯୦୭ ଏକର ଜମିର ଫସଲ କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟ ମିଳିଛି। ସମଗ୍ର ବ୍ଲକ ଅଞ୍ଚଳର ୨ଟି ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ୧୨୦ଟି ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ୩୩ରୁ ୫୦% କ୍ଷତିଗ୍ରସ୍ତ ଚାଷ ଲାଗି ସରକାର ସହାୟତା ଯୋଗାଇବାର ବ୍ୟବସ୍ଥା ରହିଥିବା ସେ ପ୍ରକାଶ କରିଛନ୍ତି। ତେବେ ପ୍ରଶାସନିକ ଆକଳନରେ ଅସନ୍ତୁଷ୍ଟ ଚାଷୀ ଉଦ୍‌ବେଗ ପ୍ରକାଶ କରି ତୁରନ୍ତ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି।

ଧାନ କିଣାରେ କ୍ଷତି ସହୁଛନ୍ତି ସେବା ସମବାୟ ସମିତି

# ଖର୍ଚ୍ଚ ୧୫ଟଙ୍କା, ସରକାର ଦେଉଛନ୍ତି ୮ଟଙ୍କା

ରେମୁଣା,୨୦।୧୧(ଡି.ଏନ.ଏ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନର ୧୨ଟି ସେବା ସମବାୟ ସମିତି ରହିଛି। ଏସବୁ ସମିତିର ସଭାପତି, ସମ୍ପାଦକ ଏକତ୍ରିତ ହୋଇ ଧାନକିଣା ସମସ୍ୟା ନେଇ ଆଲୋଚନା କରିଛନ୍ତି। ତ୍ରୁଟିପୂର୍ଣ୍ଣ ସରକାରୀ ନୀତି ଓ ବ୍ୟବସ୍ଥା ଯୋଗୁ ଚାଷୀଙ୍କଠାରୁ ଧାନ କିଣି ସମବାୟ ସମିତିଗୁଡିକ କ୍ଷତିରେ ପଡୁଥିବା ବୈଠକରେ ଅଭିଯୋଗ କରାଯାଇଥିଲା। ଧାନ ଓଜନ କରିବାଠାରୁ ଆରମ୍ଭ କରି ଏହାକୁ ପ୍ୟାକେଟ କରିବା, ପୁଣି ଲୋଡ଼ ଅନଲୋଡ଼ କରିବା ଆଦି କାର୍ଯ୍ୟରେ ଲେବର ଚାର୍ଜ ବାବଦରେ କୁଇଣ୍ଟାଲ ପିଛା ୧୫ ଟଙ୍କାରୁ ଅଧିକ ଖର୍ଚ୍ଚ ହେଉଛି। କିନ୍ତୁ ସରକାର ମାତ୍ର ୮ଟଙ୍କା ୪୭ ପଇସା ମଣ୍ଡି ଚାର୍ଜ ବାବଦରେ ଦେଉଛନ୍ତି । ଏହା ସାଙ୍ଗକୁ ୨୦୧୪-୧୫ରୁ ଆଜି ପର୍ଯ୍ୟନ୍ତ ସମିତି ଖର୍ଚ୍ଚ କରିଥିବା ଅର୍ଥ ସରକାର ପୈଠ କରିନାହାନ୍ତି । ଫଳରେ ସମିତିଗୁଡ଼ିକ ଆର୍ଥିକ ଅନଟନରେ ଗତି କରୁଛନ୍ତି । ଏହାର ତୁରନ୍ତ ପ୍ରତିକାର କରା ନ ଗଲେ ରେମୁଣା ବ୍ଲକ ଅଧୀନ ୧୨ଟି ସେବା ସମବାୟ ସମିତି ଆଗାମୀ ୨୦୧୯-୨୦ ଖରିଫ ଧାନ କିଣିବା ପାଇଁ ଅକ୍ଷମ ହେବେ ବୋଲି ଉକ୍ତ ବୈଠକରେ ସମିତି କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି।

ରେମୁଣାସ୍ଥିତ ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ କୋଅପରେଟିଭ ବ୍ୟାଙ୍କ ନିକଟରେ ସୋମବାର ଏକାଠି ହୋଇଥିବା ବ୍ଲକର ସମସ୍ତ ସମିତିର ସଭାପତି ଓ ସମ୍ପାଦକମାନେ ଆହୁରି ଦର୍ଶାଇଥିଲେ ଯେ, ସେମାନେ ସରକାରୀ ନିୟମ କାନୁନ୍‌କୁ ମାନି କାର୍ଯ୍ୟକରି ବ୍ୟାପକ କ୍ଷତି ସହୁଥିଲେ ମଧ ଏଥିପତି କେହି ଦୃଷ୍ଟି ଦେଉ ନାହାନ୍ତି। ଏସମ୍ପର୍କରେ ସେମାନେ ଖୁବ୍‌ଶୀଘ୍ର ଉଚ୍ଚକର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଏହି ବୈଠକରେ ଶ୍ରୀଜଙ୍ଗ, ନୂଆପାଢ଼ୀ, ପଡ୍ରିପାଳ, କୁରୁଡ଼ା, ଦୁର୍ଗାଦେବୀ, ରେମୁଣା, ହରିପୁର, ନିଜାମପୁର, ନରହରିପୁର, ଶେରଗଡ଼, ବରୁଣସିଂ ଏବଂ ବଡ଼ପାଳ ସେବା ସମବାୟ ସମିତିର ସଭାପତି ଓ ସମ୍ପାଦକ ଯୋଗଦେଇ ଆଲୋଚନାରେ ଭାଗ ନେଇ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଦାବି କରିଥିଲେ।



ସେବା ସମବାୟ ସମିତି ସଭାପତି ଓ ସମ୍ପାଦକଙ୍କ ବୈଠକରେ ଆଲୋଚନା କରାଯାଉଛି।

## ବଢ଼ିଚାଲିଛି ବେଆଇନ ବାଲି ଉଠାଣ ଓ ଚୋରାଚାଲାଣ

# କୂଳ କ୍ଷୟ ଯୋଗୁ ଚିନ୍ତାରେ ନଦୀତଟବାସୀ



ଟ୍ରାକ୍ଟରରେ ବାଲି ଚାଲାଣ ହେଉଛି।

ରେମୁଣା,୨୦।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଦେଇ ପ୍ରବାହିତ ବୁଢ଼ାବଳଙ୍ଗ ନଦୀର ବିଭିନ୍ନ ସ୍ଥାନରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଉଥିବାରୁ ତଟବର୍ତ୍ତୀ ଅଞ୍ଚଳ ପ୍ରତି ବିପଦ ଆଶଙ୍କା ସୃଷ୍ଟି ହୋଇଛି। ନଦୀପଠା କ୍ଷୟ ଯୋଗୁ କେତେକ ସ୍ଥାନର କୂଳ ଖାଇ ନଦୀର ଗତିପଥ ବଦଳିବା ସ୍ଥିତିରେ ରହିଛି। ରେମୁଣା ବ୍ଲକ ଅନ୍ତର୍ଗତ ଗଣ୍ଡର୍ଦ୍ଦା ପଞ୍ଚାୟତର ଆମ୍ବୁଲକୁଡ଼ା ଗାଁ ନିକଟ ବୁଢ଼ାବଳଙ୍ଗ ନଦୀ ଅଞ୍ଚଳ ପ୍ରତି ବିପଦ ସୃଷ୍ଟି କରିବ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଏହି ଅଞ୍ଚଳରେ ସକ୍ରିୟ ଥିବା ବାଲି ବେପାରୀମାନେ ଦିନ ରାତି ଲାଗିପଡି ବାଲି ଉଠାଇ ବିନା ବାଧାରେ ବିଭିନ୍ନ ସ୍ଥାନକୁ ଚାଲାଣ କରୁଛନ୍ତି। ଗାଁ ଦାଣ୍ଡ ଦେଇ ଟ୍ରାକ୍ଟର, ପିକ୍‌ଅପ୍, ମିନିଟ୍ରକ ଆଦିରେ ବାଲିପରିବହନ ହେଉଥିବାରୁ ରାସ୍ତା ଅବସ୍ଥା ଖରାପ ହେବା ସହ ସାଧାରଣ ଲୋକଙ୍କ ଯାତାୟାତରେ ଅସୁବିଧା ହେଉଛି। ବାଲି ଉଠାଣ ଯୋଗୁ କୂଳକ୍ଷୟ ହେଉଥିବାରୁ କେତେକ ସ୍ଥାନରେ ଗୋଷ୍ଠୀ ବିବାଦ ମୁଣ୍ଡ ଟେକିଛି । ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ସକାଶେ ଗଣ୍ଡର୍ଦ୍ଦା ପଞ୍ଚାୟତବାସୀ ଆରଆଇ, ତହସିଲ ଅଫିସ୍‌ରେ ଦାବି କରିବା ସହ ଥାନାରେ ଗତ ସପ୍ତାହରେ ଲିଖିତ ଅଭିଯୋଗ କରିଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଗତ ମଙ୍ଗଳବାର ବାଲି ଚାଲାଣ ହେଉଥିବା ବେଳେ କେତେକ ଲୋକ ବିରୋଧ କରି ଗୋଟିଏ ଟ୍ରାକ୍ଟରକୁ ଅଟକ ରଖିଥିଲେ। ବାଲି ବେପାରୀମାନେ ଧମକ ଚମକ ଦେବାରୁ ଲୋକେ ପରେ ଏହାକୁ ଛାଡି ଦେଇଥିବା ଜଣାପଡିଛି।ଏ ସମ୍ପର୍କରେ ଆରଆଇ ନିତ୍ୟ ପ୍ରକାଶ ସିଂଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ସାହସିକତା ପାଇଁ ସମ୍ବର୍ଦ୍ଧିତ ହେଲେ ଦୁଇ ଗ୍ରାମବାସୀ

ବାଲିଆପାଳ,୨୦।୧୧(ସ୍ୱ.ପ୍ର.)-

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଡଗରା ପଞ୍ଚାୟତ ଅଧୀନ ଡଗରା ବେଳାଭୂମି ଡାକବଙ୍ଗଳାଠାରେ ବୁଧବାର ଆୟୋଜିତ ସଭାରେ ଅଜୟ କରଣ ଏବଂ ବିଜୟ ରାଉତଙ୍କୁ ସାହସିକତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତି ସଦସ୍ୟ ନିତ୍ୟାନନ୍ଦ ଜେନା, ବାବୁଲି ଜେନା, ସଦାଶିବ ଦାସ, ଅର୍ଜୁନ ବାରିକ, ଦୀପକ ଜେନା, ହରିହର ଜେନା, ହେମନ୍ତ ଦାସ, ପୂର୍ବତନ ସଦସ୍ୟ ମୃତ୍ୟୁଞ୍ଜୟ ନାୟକ, ରାଧାକୃଷ୍ଣ ସାହୁ, ଲମ୍ବୋଧର ମାହାନା ପ୍ରମୁଖ ଉପସ୍ଥିତ ଥିଲେ। ବିଜେଡି ୨୧ ନମ୍ବର ଜୋନ୍ ଜିଲାପରିଷଦ ସଭ୍ୟ, ସାମାଜିକ କର୍ମୀ ରବୀନ୍ଦ୍ର ଅଣ୍ଡିଆ ସେମାନଙ୍କୁ ସମ୍ବର୍ଦ୍ଧନା ଜଣାଇ ସାହସିକ କାର୍ଯ୍ୟର ପ୍ରଶଂସା କରିଥିଲେ।

ଉଲ୍ଲେଖନୀୟ ଯେ, ସ୍ଥାନୀୟ ବେଳାଭୂମିରେ ସମୁଦ୍ରକୁ ଗାଧୋଇବାକୁ ଯାଇଥିବା ବେଳେ ୫ଜଣ କଲେଜ ଛାତ୍ର ଭାସିଯାଇଥିଲେ। ଖବରପାଇ ଡଗରା ଅଞ୍ଚଳର ଅଜୟ ଓ ବିଜୟ ସାହସିକତା ଦେଖାଇ ଗଭୀର ସମୁଦ୍ର ଭିତରକୁ ଲମ୍ଫ ପ୍ରଦାନ କରି ୪ଜଣ ଛାତ୍ରଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରିଥିଲେ। ହେଲେ ଜଣେ ଛାତ୍ରଙ୍କର କୌଣସି ଖବର ମିଳି ନ ଥିଲା। ପ୍ରଶାସନ ପକ୍ଷରୁ ସମସ୍ତ ଚେଷ୍ଟା ବିଫଳ ହୋଇଥିଲା। ଦୀର୍ଘ ୨୨ଘଣ୍ଟାର ବ୍ୟବଧାନ ପରେ ପୁଣି ଏହି ବ୍ୟକ୍ତିଙ୍କ ଦ୍ୱାରା ଜଣେ ଛାତ୍ରଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା। ଏଭଳି ସାହସିକତା ଦେଖାଇଥିବା ଡଗରା ଗ୍ରାମର ଅଜୟ ଏବଂ ବିଜୟଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା।



ସାହସିକତା ପ୍ରଦର୍ଶନ ଲାଗି ଅଜୟ କରଣ ଏବଂ ବିଜୟ ରାଉତଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ୨୨ରୁ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

ବାଲେଶ୍ୱର ଅଫିସ,୨୦।୧୧

ବାଲେଶ୍ୱରର ନାଟ୍ୟ ସଂସ୍ଥା 'ନାୟିକା ବାଲେଶ୍ୱର' ଆନୁକୂଲ୍ୟରେ ଆସନ୍ତା ନଭେମ୍ବର ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ପାଳିତ ହେବ। ବୁଧବାର ଅପରାହ୍ନରେ ଟାଉନ୍ ହଲ୍ ସ୍ଥିତ ନୃତ୍ୟ କଳାମନ୍ଦିରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ନିର୍ଦ୍ଦେଶିକା ସସ୍ମିତା ରଣା ଏହି ସୂଚନା ଦେଇଛନ୍ତି। ୨୦୧୬ ମସିହାରୁ ଅନୁଷ୍ଠାନ ପକ୍ଷରୁ ଏଭଳି ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଅନୁଷ୍ଠିତ ହୋଇ ଆସୁଛି। ଚଳିତବର୍ଷ ଉଦ୍‌ଘଟନୀ ସନ୍ଧ୍ୟାରେ ନାଟକ 'ବାବୁ', ୨୩ ତାରିଖ ୨ୟ ସନ୍ଧ୍ୟାରେ ନାଟକ 'ନୂଆ' ଏବଂ ୨୪ ତାରିଖ ଶେଷ ସନ୍ଧ୍ୟାରେ ନାଟକ 'ଅଭିନେତ୍ରୀ' ମଞ୍ଚସ୍ଥ ହେବ। ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଉପନିର୍ଦ୍ଦେଶକ ଅରବିନ୍ଦ ସାହୁ, କୋଷାଧ୍ୟକ୍ଷ ସୁଶାନ୍ତ ଜେନା, ମହୋତ୍ସବର ସଂଯୋଜିକା ଜ୍ୟୋତ୍ସ୍ନାରାଣୀ ସାହୁ ଓ ସମ୍ପାଦିକା ଭାରତୀ ନାୟକ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମହାଦେବଙ୍କ ସମ୍ପତ୍ତି ଜାଗାରେ ଗୃହ ନିର୍ମାଣ ଅଭିଯୋଗ

ତିହିଡ଼ି, ୨୦।୧୧(ଡି.ଏନ.ଏ.)- ଭଦ୍ରକ ଜିଲା ତିହିଡ଼ି ତହସିଲ ଅଧୀନ ମିର୍ଜାପୁର ଗ୍ରାମରେ ଥିବା ସ୍ୱପ୍ନେଶ୍ୱର ମହାଦେବଙ୍କ ୯ ଡିସିମିଲ ସମ୍ପତ୍ତିକୁ ହଡ଼ପ କରି ଜଣେ ବ୍ୟକ୍ତି ଗୃହ ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ତହସିଲଦାରଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ସେମାନେ ଏ ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ, ରାଜସ୍ୱ କମିଶନର, ଚକବନ୍ଦୀ ଅଧିକାରୀ, ବନ୍ଦୋବସ୍ତ ଅଧିକାରୀ, ଜିଲାପାଳ, ଉପଜିଲାପାଳ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହା ଭଦ୍ରକ ସିଭିଲ୍ ଜଜ୍ ସିନିୟର ଡିଭିଜନଙ୍କ କୋର୍ଟରେ ବିଚାରାଧୀନ ଥିବାରୁ ନ୍ୟାୟାଳୟର ନିର୍ଦ୍ଦେଶ ନ ଆସିବା ଯାଏ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି ଯେ, ସ୍ୱପ୍ନେଶ୍ୱର ମହାଦେବଙ୍କର ବିଭିନ୍ନ ଖାତାରେ ୧୯୩୦ରେ ୯ ଡିସିମିଲ ଜାଗା ଥିଲା। ତେବେ ବନ୍ଦୋବସ୍ତ ସମୟରେ ଜଣେ ବ୍ୟକ୍ତି ସେହି ସମ୍ପତ୍ତିକୁ ନିଜ ନାଁରେ କରାଇ ନେଇଥିଲେ। ଚକବନ୍ଦୀ ସମୟରେ ଗ୍ରାମବାସୀ ଏ ସମ୍ପର୍କରେ ଜାଣିବାକୁ ପାଇ ନ ଥିଲେ। ପରେ ସେମାନେ ଜାଣିବା ପରେ ଭଦ୍ରକ ସିଭିଲ ଜଜ୍ ସିନିୟର ଡିଭିଜନଙ୍କ କୋର୍ଟ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲା ଏବେ ବିଚାରାଧୀନ ରହିଥିବାବେଳେ ଜମି ହଡ଼ପକାରୀ ଗୃହ ନିର୍ମାଣ କାର୍ଯ୍ୟ କରୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପାର୍ଥସାରଥି ନାୟକ, ନାରାୟଣ ଚନ୍ଦ୍ର ନାୟକ, ଶରତ କର, ରମାକାନ୍ତ ନାଥ, ପି. ହୃଷୀକେଶ, ପୂର୍ଣ୍ଣଚନ୍ଦ୍ର ନାୟକ, ଗୋପାଳ ଚନ୍ଦ୍ର ସାହୁ, ନିରଞ୍ଜନ କର, ଶିବପ୍ରସାଦ କର, ଅଶୋକ କୁମାର କର ପ୍ରମୁଖ ଗ୍ରାମବାସୀ ଏବଂ ସେବାୟତ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି।

### ସୀମାନ୍ତ ଉନ୍ନୟନ ପରିଷଦ କର୍ମକର୍ତ୍ତା ଚାଷ କ୍ଷତି ବୁଲି ଦେଖିଲେ

ଜଳେଶ୍ୱର,୨୦।୧୧(ଡି.ଏନ.ଏ.)- ବାତ୍ୟା 'ବୁଲ୍‌ବୁଲ୍' କ୍ଷତିଗ୍ରସ୍ତ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିବଢ଼ି ଚାଲିଛି। ଏହାମଧ୍ୟରେ ବାତ୍ୟାକୁ ୧୨ଦିନ ବିତଲାଣି। ଜଳେଶ୍ୱର ବ୍ଲକର ନଛିମପୁର ପଞ୍ଚାୟତର ଶାହାଡ଼ାପଡ଼ା ଗ୍ରାମରେ ଧାନ ଚାଷ ବର୍ତ୍ତମାନ ସୁଦ୍ଧା ପାଣିରେ ପଡ଼ି ରହିଛି। କେତେକ ସ୍ଥାନରେ ଧାନରୁ ଗଜା ବାହାରିଗଲାଣି। ସରକାର ଏଯାଏ କ୍ଷୟକ୍ଷତିର ଉପଯୁକ୍ତ ଆକଳନ କରିପାରି ନ ଥିବାରୁ ଚାଷୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସୂଚନା ପାଇ ସୀମାନ୍ତ ଉନ୍ନୟନ ପରିଷଦର ସଦସ୍ୟମାନେ ଏହି ଗ୍ରାମକୁ ପରିଦର୍ଶନରେ ଯାଇ କ୍ଷୟକ୍ଷତି ବୁଲି ଦେଖିବା ପରେ ସରକାରଙ୍କ ନିକଟରେ ଚାଷୀଙ୍କ ଲାଗି ଦାବି ଉପସ୍ଥାପନ କରିଛନ୍ତି। ଯେଉଁ ଚାଷୀମାନେ ଋଣ କରି ଚାଷ କରିଥିଲେ ସେମାନଙ୍କ ଋଣ ସମ୍ପୂର୍ଣ୍ଣ ଛାଡ଼ କରିବା ସହିତ ସମସ୍ତ ଚାଷୀଙ୍କୁ ରବିଋତୁ ପାଇଁ ବିନା ମୂଲ୍ୟରେ ଧାନ, ବିହନ ଓ ଔଷଧ ଯୋଗାଇ ଦେବା ଏବଂ ବାତ୍ୟା କ୍ଷୟକ୍ଷତି ଲାଗି ତୁରନ୍ତ ସହାୟତା ଦେବାକୁ ଦାବି କରିଛନ୍ତି। କମଳ ଚକ୍ରବର୍ତ୍ତୀ, ସୁଦାମ ପାତ୍ର, ରବିନ୍ଦ୍ର ଦାସ, ଲକ୍ଷ୍ମୀଧର ପ୍ରଧାନ, ଅକ୍ଷୟ ଜେନା ପ୍ରମୁଖ ସୀମାନ୍ତ ଉନ୍ନୟନ ପରିଷଦର ସଦସ୍ୟମାନେ ଏହି ପରିଦର୍ଶନରେ ଯାଇଥିଲେ।

ଚିଙ୍ଗୁଡ଼ି ପ୍ରୋସେସିଂ ପ୍ଲାଣ୍ଟରୁ ଗ୍ୟାସ ଲିକ୍ ଘଟଣା

# ୫ ହଜାର କର୍ମଚାରୀଙ୍କ ଭାଗ୍ୟ ଅନିଶ୍ଚିତତା ମଧ୍ୟରେ

ବାଲେଶ୍ୱର ଅଫିସ/ ବାହାନଗା, ୨୦।୧୧ (ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଣପଣା ପଞ୍ଚାୟତ ସ୍ଥିତ ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଫାଲକନ ଚିଙ୍ଗୁଡ଼ି ପ୍ରୋସେସିଂ ପ୍ଲାଣ୍ଟରୁ ଗତ ୧୩ ତାରିଖ ରାତିରେ କ୍ଲୋରିନ୍ ଗ୍ୟାସ ଲିକ୍ ଘଟଣା ପରେ ପ୍ରଶାସନ ଏହାକୁ ସିଲ୍ କରି ତଦନ୍ତ ଚଳାଇଛି। ୬ ଦିନ ଧରି ପ୍ଲାଣ୍ଟ ବନ୍ଦ ରହିଛି। ଏହା କେବେ ଖୋଲିବ ଅନିଶ୍ଚିତତା ଲାଗି ରହିଥିବାରୁ ଏହା ଉପରେ ନିର୍ଭର କରୁଥିବା ପାଖାପାଖି ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ଭାଗ୍ୟ ଅନ୍ଧକାର ଆଡ଼କୁ ଠେଲି ହୋଇଯାଇଥିବାରୁ ସେମାନେ ଚିନ୍ତାରେ ପଡିଛନ୍ତି। ପ୍ରଶାସନ ପକ୍ଷରୁ ଯଥାଶୀଘ୍ର ତଦନ୍ତ କାର୍ଯ୍ୟ ଶେଷ କରି ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ କରିବା ଲାଗି ଶ୍ରମିକଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।



ବନ୍ଦ ହୋଇ ପଡ଼ି ରହିଥିବା ଚିଙ୍ଗୁଡ଼ି ପ୍ରୋସେସିଂ ପ୍ଲାଣ୍ଟ।

ଉଲ୍ଲେଖନୀୟ ଯେ, ଗତ ୧୩ତାରିଖ ରାତିରେ ପ୍ଲାଣ୍ଟ ଭିତରେ କ୍ଲୋରିନ୍ ଗ୍ୟାସ ଲିକ୍ ହେବାରୁ ଏହାର ପ୍ରଭାବରେ ଶହେରୁ ଊର୍ଦ୍ଧ୍ୱ ମହିଳା ଶ୍ରମିକ ଅସୁସ୍ଥ ହୋଇ ପଡିଥିଲେ। ସେମାନଙ୍କୁ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଏହି ଶ୍ରମିକମାନେ ଏହାମଧ୍ୟରେ ସୁସ୍ଥ ହୋଇ ଘରକୁ ଫେରିଯାଇଛନ୍ତି। ଗତ ୧୪ ତାରିଖରୁ ଜିଲା ପ୍ରଶାସନ ପ୍ଲାଣ୍ଟକୁ ସିଲ୍ କରି ରଖିଥିବାରୁ ଏହାର ଭବିଷ୍ୟତ ନେଇ ନାନା ଆଶଙ୍କା ପ୍ରକାଶ ପାଉଛି। ଉକ୍ତ ପ୍ଲାଣ୍ଟରେ ଶତକଡ଼ା ୭୫ ଭାଗ ମହିଳାଙ୍କ ସମେତ ଶିକ୍ଷିତ ଯୁବକ ଓ ବୟସ୍କ ବ୍ୟକ୍ତିମାନେ କାର୍ଯ୍ୟ କରି ନିଜର ଗୁଜୁରାଣ ମେଣ୍ଟାଇବା ସହିତ ପରିବାର ଭରଣପୋଷଣ କରୁଥିଲେ। ସେମାନେ ଏବେ କାମଧନ୍ଦା ହରାଇ ବସିଥିବାରୁ ଘର ଚଳାଇବା, ପିଲାଛୁଆମାନଙ୍କ ପେଟକୁ ଦାନା ଓ ଶିକ୍ଷା ଦେବାକୁ ଅସହାୟ ମଣୁଛନ୍ତି। ସେମାନେ ପ୍ଲାଣ୍ଟକୁ ଗଲେ କୌଣସି ଅଧିକାରୀଙ୍କ ଦେଖା ପାଉ ନ ଥିବାରୁ କୌଣସି ତଥ୍ୟ ଜାଣି ପାରୁ ନ ଥିବା କହିଛନ୍ତି। ଏହି ପ୍ଲାଣ୍ଟରେ କେତେକ ବେକାରୀ ଯୁବତୀଯୁବକ ଠିକାକାମ କରିବା ସହିତ ଅନ୍ୟ କେତେକେ ପ୍ଲାଣ୍ଟ ଭିତରେ କ୍ୟାଣ୍ଟିନ୍ ଓ ବାହାରେ ହୋଟେଲ୍‌ରେ କାମ କରିବା ସହ ବିଭିନ୍ନ ଦୋକାନ କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ, ଯାହା ଏବେ ଠପ୍ ହୋଇଯାଇଛି। ପ୍ରଶାସନ ତଦନ୍ତ କରିବା ବାହାନାରେ ପ୍ଲାଣ୍ଟକୁ ଦୀର୍ଘଦିନ ଧରି ବନ୍ଦ କରି ରଖିବା ସେମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ବାସ୍ତବ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ତୁରନ୍ତ ପ୍ଲାଣ୍ଟରୁ ସିଲ୍ ହଟାଇ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି।

# ବିବାଦ ପରେ ନିର୍ମିତ ମୋହରିରଙ୍କ ସିରସ୍ତା ଗୃହ ଉଦ୍‌ଘାଟିତ


ମୋହରିରଙ୍କ ସିରସ୍ତା ଗୃହ ଉଦ୍‌ଘାଟନ ଅବସରରେ ଅତିଥି ଓ ଅନ୍ୟମାନେ ।

ସଜନାଗଡ଼,୨୦।୧୧(ଡି.ଏନ.ଏ.)–

ବାଲେଶ୍ୱର ଜିଲା ନୀଳଗିରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମୋହରିରଙ୍କ ଚାଳିଆକୁ ନୀଳଗିରି ତହସିଲଦାର ଶୁଶ୍ରୀତା ଟୁଡୁ ଭାଙ୍ଗି ଦେବା ଘଟଣା ନେଇ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଓ ତହସିଲଦାର ମୁହାଁମୁହିଁ ହେବା ଘଟଣା ଏକ ଚର୍ଚ୍ଚିତ ପ୍ରସଙ୍ଗ ହୋଇଥିଲା। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏହି ଘଟଣାରେ ହସ୍ତକ୍ଷେପ କରି ମୋହରିରଙ୍କ ପାଇଁ ନୂତନ ସ୍ଥାନ ନିରୂପଣ କରାଯିବା ପରେ ନୂତନ ଗୃହ ନିର୍ମାଣ କରାଯାଇଛି। ବୁଧବାର ପୂର୍ବାହ୍ନରେ ମୋହରିରମାନଙ୍କର ସିରସ୍ତାକୁ ନୀଳଗିରି ସବ୍ ଡିଭିଜନ ବାରସଂଘର ସଭାପତି ଚିତ୍ତରଞ୍ଜନ ଷଡ଼ଙ୍ଗୀ ଓ ନୀଳଗିରି ବାର୍ ଆସୋସିଏଶନର ସଭାପତି ମିହିର କୁମାର ରାଉତ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରଥିଲେ। ଏହି ଅବସରରେ ମୋହରିର ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ପୀତାମ୍ବର ଜେନା, ଦେବେନ୍ଦ୍ର ପଣ୍ଡା, ହରେକୃଷ୍ଣ ଜେନା, ଦେବେନ୍ଦ୍ର ଦାସ, ଅଜୟ ପଟ୍ଟନାୟକ, ତୃପ୍ତିମୟୀ ସ୍ୱାଇଁ, ଶୁଭେନ୍ଦୁ ବିଶ୍ୱାଳ, ସୋମନାଥ ନାୟକ, ବିଦ୍ୟାଶଙ୍କର ଜେନା, ନଳିନୀ ଜେନା, ଗୌରହରି ନାୟକ, ଅମିତ ଦାସ ମହାପାତ୍ର, ଅମର ପଟ୍ଟନାୟକ, ମୁକ୍ତିକାନ୍ତ ସ, ଜଗନ୍ନାଥ ଦାଶ, ଶ୍ରୀକାନ୍ତ ପରିଡ଼ା, ପ୍ରଭାକର ଜେନା, ସଞ୍ଜୟ ପରିଡ଼ା ଗୟାଧର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନୀଳଗିରି ଉପଜିଲାପାଳ ଏହି ନୂତନ ଗୃହକୁ ମଧ୍ୟ ପରିଦର୍ଶନ କରିଥିଲେ।

■ ଜେସିବି ସାହାଯ୍ୟରେ ଲଘୁ ଖଣିଜ ସମ୍ପଦ ଲୁଟ ଘଟଣା

# ଚଢାଉ କରି ଖାଲି ହାତରେ ଫେରିଲେ ତହସିଲଦାର

ବଡ଼ସାହି,୨୦।୧୧(ସ୍ୱ.ପ୍ର)

ବେଆଇନ ଭାବେ ଲଘୁ ଖଣିଜ ସମ୍ପଦ ଖନନ ହେଉଥିବା ସୈରାତଗୁଡିକ ଉପରେ ବଡ଼ସାହି ଭାରପ୍ରାପ୍ତ ତହସିଲଦାର ସଦଳବଳେ ଚଢାଉ କରିଥିଲେ। ମାତ୍ର ଖବରପାଇ ବାଲି ବେପାରୀମାନେ ନଦୀ ପଠାରୁ ଜେସିବି ମେଶିନ ଉଠାଇ ନେଇ ଅନ୍ୟତ୍ର ଲୁଚାଇ ଦେଇଥିଲେ। ଫଳରେ ତହସିଲଦାର ଖାଲି ହାତରେ ଫେରିଥିବା ଜଣାପଡିଛି ।

ବଡ଼ସାହି ତହସିଲ ଅଧୀନରେ ଥିବା ପ୍ରତାପପୁର ଓ ଶାକୁଆ ଘାଟରେ ଜେସିବି ମେଶିନ ସାହାଯ୍ୟରେ ବାଲି ଉତ୍ତୋଳନ ନେଇ ଜିପିଏସ୍ କ୍ୟାମେରାରେ ଫଟୋ ଓ ଭିଡିଓ ଉତ୍ତୋଳନ କରାଯାଇଥିଲା । ଘଟଣାର ସତ୍ୟତାକୁ ନେଇ ରବିବାର ଧରିତ୍ରୀରେ 'ବୁଢାବଳଙ୍ଗରୁ ବେଆଇନ ବାଲି ଉତ୍ତୋଳନ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ତତ୍ପରତା ଦେଖାଇ ବଡ଼ସାହି ଭାରପ୍ରାପ୍ତ ତହସିଲଦାର ପୃଥ୍ୱୀରାଜ ପରିଡା, ସୁପରଭାଇଜର ନରହରି ଦାସ, ପ୍ରତାପପୁର ରାଜସ୍ୱ ନିରୀକ୍ଷକ ଓ ପୋଲିସ ମିଳିତ ଭାବେ ଚଢାଉ କରିଥିଲେ। ମାତ୍ର ଚଢାଉ ପୂର୍ବରୁ ଖବରପାଇ ବାଲି ବେପାରୀମାନେ ଜେସିବି ମେଶିନକୁ ଉଠାଇ ନେଇଥିଲେ। ଅଧିକାରୀମାନେ ଶାକୁଆ ସୈରାତ ମଧ୍ୟରେ ପଶି ତଦନ୍ତ କରିଥିଲେ। ମେଶିନ ସାହାଯ୍ୟରେ ୬ରୁ ୮ଫୁଟ ଗଭୀର ପର୍ଯ୍ୟନ୍ତ ବାଲି ଖନନ କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏ ସମ୍ପର୍କରେ ଲିଜଧାରୀଙ୍କୁ ନୋଟିସ ପ୍ରଦାନ କରାଯିବା ସହ କେତେ ପରିମାଣର ବାଲି ଉତ୍ତୋଳନ କରାଯାଇଛି ସେ ସମ୍ପର୍କରେ ମାପ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ସୂତ୍ରରୁ ଜଣାପଡିଛି । ମେଶିନ ସାହାଯ୍ୟରେ ବାଲି ଉତ୍ତୋଳନ କରିବା ଦ୍ୱାରା ବଡବଡ ଗର୍ତ୍ତ ସୃଷ୍ଟି ହେଉଥିବାରୁ ଗୃହପାଳିତ ପଶୁମାନେ ପାଣି ପିଇବାକୁ ଯାଇ ଦୁର୍ଘଟଣାର ଶିକାର ହେଉଛନ୍ତି। ରାଜସ୍ୱ ବିଭାଗ,ପୋଲିସ ପ୍ରଶାସନ ଓ ଲଘୁଖଣିଜ ବିଭାଗ ଦ୍ୱାରା ମିଳିତ ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ରାଜ୍ୟସ୍ତରୀୟ ସାରସ୍ୱତ ଓ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ ଲାଗି ପ୍ରସ୍ତୁତି

ବାଲିଆପାଳ, ୨୦।୧୧ (ଡି.ଏନ.ଏ.)– ବାଲିଆପାଳର ପୁରାତନ ଓ ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ସୃଜନିକା ପକ୍ଷରୁ ଆସନ୍ତା ନବବର୍ଷ ଅବସରରେ ରାଜ୍ୟସ୍ତରୀୟ ସାରସ୍ୱତ ଓ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ନବବର୍ଷ ସାରସ୍ୱତ ବନ୍ଧୁମିଳନ ସାଙ୍ଗକୁ ପତ୍ରିକା ଉନ୍ମୋଚନ,କବି କଳାକାର ଓ ସମାଜସେବୀଙ୍କ ସମାବେଶ ଅନୁଷ୍ଠିତ ହେବ । ଏଥିପାଇଁ ବୁଧବାର କବି ଭାରତୀ ସରିତା ମହାନ୍ତିଙ୍କ ବାସୁଦେବପୁରସ୍ଥିତ ବାସଭବନ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସୃଜନିକାର ଆବାହକ ଅଧ୍ୟାପକ ସୁକାନ୍ତ ଗିରି ବୈଠକରେ ପୌରୋହିତ୍ୟ କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ବୀରମାଧବ ଦାସ,ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ସଂପାଦକ ସନ୍ନ୍ୟାସୀ ବେହେରା,ଶିକ୍ଷୟିତ୍ରୀ ଡ.ରଶ୍ମିତା ପାଣୀଗ୍ରାହୀ,ବ୍ୟଙ୍ଗ କବି ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, ଯୁବକବି ଅସିତ କୁମାର ପଣ୍ଡା,ସରିତା ମହାନ୍ତି ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

### ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

କେନ୍ଦୁଝର, ୨୦।୧୧(ଡି.ଏନ୍.ଏ.)– କୃଷି ବିଜ୍ଞାନ କେନ୍ଦ୍ରର ୨୦ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ କେନ୍ଦ୍ରର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଅଧୀନ ସଂପ୍ରସାରଣ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଡ. ମହାମାୟା ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆଇସିଏଆର୍ ଅଟାରୀ କୋଲକାତାରୁ ଆସିଥିବା ମୁଖ୍ୟ ବୈଜ୍ଞାନିକ ଡ. ଶ୍ୟାମଲ କୁମାର ମଣ୍ଡଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ରର କ୍ଷେତ୍ର ପରିଚାଳିକା ଡ. ଅମ୍ରିତା ମହାପାତ୍ର ସ୍ୱାଗତଭାଷଣ ସହ ସମସ୍ତ ସଦସ୍ୟମାନଙ୍କୁ ସ୍ୱାଗତ ଜଣାଇଥିଲେ। କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ସୁକାନ୍ତ କୁମାର ସାହୁ କେନ୍ଦ୍ର ଦ୍ୱାରା ନିଆଯାଇଥିବା ବିଗତ ୨୦୧୮–୧୯ କାର୍ଯ୍ୟକ୍ରମର ସଫଳତା ଓ ୨୦୧୯–୨୦ ବର୍ଷ ପାଇଁ କାର୍ଯ୍ୟକ୍ରମର ଖସଡାକୁ ସମସ୍ତ ସଭ୍ୟମାନଙ୍କ ଆଗରେ ଉପସ୍ଥାପନ କରିଥିଲେ। ସଂପ୍ରସାରଣ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଡ. ନାୟକ ଚାଷୀମାନଙ୍କ ଭୌଗଳିକ ସ୍ଥିତି ଓ ବୈଜ୍ଞାନିକ ଦୃଷ୍ଟିକୋଣ ରଖି କାମ କରିବାକୁ ସମସ୍ତ ବୈଜ୍ଞାନିକମାନଙ୍କୁ ଉପଦେଶ ଦେଇଥିଲେ। ଏହି ଅବସରରେ କେନ୍ଦ୍ର ଦ୍ୱାରା ପ୍ରକାଶିତ କୃଷିଭିତ୍ତିକ ପତ୍ରିକା 'କେନ୍ଦୁଝରୀ'ର ଉନ୍ମୋଚନ କରାଯାଇଥିଲା।

# ଅଙ୍ଗନୱାଡ଼ି କେନ୍ଦ୍ରକୁ ଚେୟାର,ଟେବୁଲ୍ ବିତରଣ


ଅଙ୍ଗନୱାଡ଼ି କେନ୍ଦ୍ରକୁ ଚେୟାର–ଟେବୁଲ୍ ବିତରଣ।

ଜଳେଶ୍ୱର, ୨୦।୧୧

ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ପିଲାମାନ ପାଠ ପଢ଼ିବା ପାଇଁ ଏବେ ପଞ୍ଚାୟତ ପକ୍ଷରୁ ଚେୟାର ଓ ଟେବୁଲ ପ୍ରଦାନ କରାଯାଉଛି। ଜଳେଶ୍ୱର ଆଇସିଡିଏସ୍ ଅଧୀନରେ ଥିବା ମୋଟ୍ ୭୪ଟି ଅଙ୍ଗନୱାଡ଼ି କେନ୍ଦ୍ରକୁ ୧୫୧୨ଟି ଚେୟାର–ଟେବୁଲ ବଣ୍ଟାଯିବ ବୋଲି ସିଡିପିଓ ଦୀପ୍ତିମୟୀ ପୋଥାଳ ପ୍ରକାଶ କରିଛନ୍ତି। ଜଳେଶ୍ୱର ବ୍ଲକର ଶିଖରପୁର ପଞ୍ଚାୟତରେ ସରପଞ୍ଚ ହରେକୃଷ୍ଣ ଗିରି ଓ ସମିତି ସଦସ୍ୟ ଝାଡ଼େଶ୍ୱର ଦାସ ଏବଂ ଆଇସିଡିଏସ୍‌ର ପରିଦର୍ଶିକା ସ୍ନେହଲତା ଦାସଙ୍କ ଉପସ୍ଥିତିରେ ଶିଖରପୁର ଅଙ୍ଗନୱାଡ଼ି କେନ୍ଦ୍ରକୁ ୧୬ଟି, ରାଜନଗର ଅଙ୍ଗନୱାଡ଼ି କେନ୍ଦ୍ରକୁ ୨୨ଟି, ସୁଖଦୁଃଖିଆ ଅଙ୍ଗନୱାଡ଼ି କେନ୍ଦ୍ରକୁ ୧୮ଟି, ଭାନୁପୁର ଅଙ୍ଗନୱାଡ଼ି କେନ୍ଦ୍ରକୁ୧୭ଟି ଓ ମହୁଲିଆ(୧) ଅଙ୍ଗନୱାଡ଼ି କେନ୍ଦ୍ରକୁ ୨୭ ଚେୟାର–ଟେବୁଲ ବଣ୍ଟନ କରାଯାଇଥିବା ଜଣାପଡିଛି।

# ମନ୍ଦିର ପ୍ରତିଷ୍ଠା ସମାରୋହରେ କଳସ ଶୋଭାଯାତ୍ରା

ବାଲେଶ୍ୱର ଅଫିସ,୨୦।୧୧

ବାଲେଶ୍ୱର ସହର ସ୍ଥିତ ମାଣିଖମ୍ବ ମିର୍ଜାପୋଖରୀ ନିକଟରେ ନୂତନ ଭାବେ ନିର୍ମିତ ଶ୍ରୀଶ୍ରୀ ଶିରିଡ଼ି ସାଇବାବା ଓ ପଞ୍ଚମୁଖୀ ହନୁମାନ ମନ୍ଦିରର ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗତ ୧୮ ତାରିଖରୁ ରୀତିନୀତି ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ଶିରିଡ଼ି ସାଇ ବାବାଙ୍କ ଧାନାଦି ବାସ ଓ ଅଙ୍କୁରା ରୋପଣ ପରେ ୧୯ ତାରିଖରେ ଗୋଧମ ବାସ କାର୍ଯ୍ୟ ହୋଇଥିଲା। ବୁଧବାର ପୂର୍ବାହ୍ନରେ ବାବାଙ୍କ ଅକ୍ଷଣ ଦିବସ ସହିତ ସାମୂହିକ କଳସ ଯାତ୍ରା, ଅଧିବାସର ପୂଜାର୍ଚ୍ଚନା, ବିଗ୍ରହ ସ୍ଥାପନ ଭଳି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ୩୫୦ରୁ ଊର୍ଦ୍ଧ୍ୱ ମହିଳା ଏକତ୍ରିତ ହୋଇ କଳସ ଶୋଭାଯାତ୍ରାରେ ଭାଗ ନେଇଥିଲେ। ସେମାନେ ଟାଉନ୍ ହାଇସ୍କୁଲ, ସିନେମା ଛକ, ଟାଉନ୍ ଥାନା ଛକ, ଦାମୋଦରପୁର ଦେଇ ବାଲିଘାଟରେ ପହଞ୍ଚିଥିଲେ। ସେଠାରେ ବିଧି ଅନୁସାରେ ପୂଜାର୍ଚ୍ଚନା ପରେ କଳସରେ ପାଣି ଭରି ବାରବାଟୀ ଦେଇ ଆସି ମନ୍ଦିରରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାରେ ଭଜନକୀର୍ତ୍ତନ ସାଙ୍ଗକୁ ବିଭିନ୍ନ ବାଦ୍ୟ ଯନ୍ତ୍ର ସାମିଲ୍ କରାଯାଇଥିଲା। ମାଣିଖମ୍ବ ଅଞ୍ଚଳ ସହିତ ଗୋପାଳଗାଁ, ବାରବାଟୀ, ସୁଏଲପୁର, ଚୁନଭାଟି ଅଞ୍ଚଳର ଲୋକେ ଏଥିରେ ଭାଗ ନେଇଥିଲେ। ସରୋଜ କୁମାର ଲେଙ୍କା, ସରୋଜ ମହାନ୍ତି, ଦିବ୍ୟସୁନ୍ଦର ସେନ, ପଦ୍ମଲୋଚନ ଲେଙ୍କା, ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଏହି ପ୍ରତିଷ୍ଠା ଉତ୍ସବର ନେତୃତ୍ୱ ନେଇଥିଲେ। ଗୁରୁବାର ମନ୍ଦିର ପ୍ରତିଷ୍ଠା ପାଇଁ ନାମଯଜ୍ଞ, ଶିଖରାଧି ସ୍ନାନ, ଘଟ, ମଣ୍ଡଳାଦି ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ଶୁକ୍ରବାର ବାବାଙ୍କର ଷୋଡ଼ଶ ଉପଚାର ଅଭିଷେକ, ପୂର୍ଣ୍ଣାହୁତି ଯଜ୍ଞ ସହ ଶେଷରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଥିବାର ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।


ମହିଳାଙ୍କ କଳସ ଶୋଭାଯାତ୍ରା।

# ଜିଲାସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା

ବାରିପଦା ଅଫିସ,୨୦।୧୧

ବାରିପଦା ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଡ.ପ୍ରଜ୍ଞା ପାରମିତା ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଜିଲାର ସମସ୍ତ ବ୍ଲକରୁ ମୋଟ ୧୦୫ ଜଣ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। କୁଇଜ ପ୍ରତିଯୋଗିତାର ନିୟମାବଳୀ ସମ୍ପର୍କରେ ବିଜ୍ଞାନ ଶିକ୍ଷକ ବସନ୍ତ କୁମାର ଦତ୍ତ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଜୁନିୟର ବିଭାଗରେ ୪୨ ଓ ସିନିୟର ବିଭାଗରେ ମୋଟ ୬୩ ଜଣ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାର ଜୁନିୟର ବିଭାଗରେ ଏମପିସି ଉଚ୍ଚ ବିଦ୍ୟାଳୟର ଗୌରବ ସଦୁଆଳ ଓ ସିନିୟର ବିଭାଗରେ ପିସିଏମ ଉଚ୍ଚ ବିଦ୍ୟାଳୟର ସୌମ୍ୟଶ୍ରୀ ଚନ୍ଦନ ପ୍ରଥମ ସ୍ଥାନ ହାସଲ କରିଥିଲେ। ସେମାନେ ଆସନ୍ତା ୨୭ ଓ ୨୮ ତାରିଖରେ ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଶିକ୍ଷକ ଅମିତାଭ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ନୟନ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ତପନ କୁମାର ବାରିକ, ଦିଲ୍ଲୀପ କୁମାର ମିଶ୍ର, ବିଷ୍ଣୁପଦ ଆଚାର୍ଯ୍ୟ, ବିଳାସ ସାହୁ, ରାଜୀବ ଲୋଚନ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ କୃତୀ ପ୍ରତିଯୋଗୀବୃନ୍ଦ।

# ଜିଲା ଯୁବ ଉତ୍ସବ ଉଦ୍‌ଘାଟିତ

ବାରିପଦା ଅଫିସ,୨୦।୧୧

ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲା ପ୍ରଶାସନ ଓ ଜିଲା କ୍ରୀଡ଼ା ବିଭାଗ ତତ୍ତ୍ୱାବଧାନରେ ବାରିପଦା ସହିଦ୍ ସ୍ମୃତି ଭବନଠାରେ ଜିଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କଳା ସଂସ୍କୃତି ସମ୍ପନ୍ନ ମୟୂରଭଞ୍ଜ ଜିଲାର ଲୋକ ସଙ୍ଗୀତ ଓ ଲୋକନୃତ୍ୟ ଦେଶ ବିଦେଶରେ ସୁପରିଚିତ। ଯୁବ ଉତ୍ସବରେ ନିଜର କଳା ପ୍ରତିଭା ପ୍ରଦର୍ଶନ କରି ସଫଳତା ହାସଲ ପାଇଁ ଅତିରିକ୍ତ ଜିଲାପାଳ ଭୋଳ ଆହ୍ୱାନ ଦେଇଥିଲେ। ସମ୍ମାନନୀୟ ଅତିଥିଭାବେ ସହକାରୀ ଜିଲାପାଳ ସୁଜୟ କୁମାର ପତି ଯୋଗଦେଇ ଯୁବଶକ୍ତିର ପ୍ରତୀକ ସ୍ୱାମୀ ବିବେକାନନ୍ଦଙ୍କ ଯୁବ ସୁଲଭ ପ୍ରତିଭାର ମାର୍ଗ ଦର୍ଶନକୁ ନିଜ ଜୀବନରେ ପ୍ରତିଫଳିତ କରିବା ଦିଗରେ ଆଗେଇ ଆସିବାକୁ କହିଥିଲେ। ଏଥିରେ ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ଯୋଗ ଦେଇଥିବାବେଳେ ଜିଲା କ୍ରୀଡ଼ା ଅଧିକାରୀ ଭୋଜରାଜ ମହାପାତ୍ର ସ୍ୱାଗତ ସୂଚନା ପ୍ରଦାନ କରିଥିଲେ। ଅବସରପ୍ରାପ୍ତ କ୍ରୀଡ଼ାବିତ କୁମାର ରଞ୍ଜନ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଦୁଇଦିନ ଧରି ଅନୁଷ୍ଠିତ ଏହି ଉତ୍ସବରେ ଜିଲାର ବିଭିନ୍ନ ବ୍ଲକ ଅଧୀନ ସାଂସ୍କୃତିକ ଅନୁଷ୍ଠାନର ୧୩ ରୁ ୩୫ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରାୟ ୭୦୦ରୁ ଊର୍ଦ୍ଧ୍ୱ ଯୁବ ପ୍ରତିଭାମାନେ ଅଂଶଗ୍ରହଣ କରିବା କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ଉତ୍ସବରେ ୪୦୦ରୁ ଊର୍ଦ୍ଧ୍ୱ କଳାକାର ଯୋଗଦେଇ ଓଡ଼ିଶୀ, ଲୋକସଙ୍ଗୀତ, ଶାସ୍ତ୍ରୀୟ ସଙ୍ଗୀତ, ବାଦ୍ୟଯନ୍ତ୍ର, ସୀତାର, ବଂଶୀ, ତବଲା, ବୀଣା, ମୃଦଙ୍ଗ, ହାରମୋନିୟମ, ଗିଟାର ଏବଂ ବାଗ୍‌ମିତା ଆଦି ସ୍ତରରେ ଦଳଗତ ଓ ଏକକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ୨୦ ତାରିଖରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଯୁବ କଳାକାର ଲୋକନୃତ୍ୟ ଏବଂ ୱାନ୍‌ଆକ୍ଟପ୍ଲେ ନୃତ୍ୟ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଅନୁଷ୍ଠିତ ଏହି ଦୁଇ ଦିନିଆ ଯୁବ ଉତ୍ସବରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଭାବାନ ଯୁବ କଳାକାରମାନଙ୍କୁ ରାଜ୍ୟସ୍ତରୀୟ ଉତ୍ସବରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ କରାଯିବ।



ଅତିଥି ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।



"ଆସନ୍ତା ୫ ବର୍ଷରେ ୫୫ ନୂଆ କୋଇଲା ଖଣିର ବିକାଶ ଏବଂ ୧୯୩ ଟିର ସମ୍ପ୍ରସାରଣ ଯୋଜନା ହାତକୁ ନିଆଯାଇଛି।
– ପ୍ରହଲ୍ଲାଦ ଯୋଶୀ, କେନ୍ଦ୍ର କୋଇଲା ମନ୍ତ୍ରୀ



"କେନ୍ଦ୍ରୀୟ ଏବଂ ପୂର୍ବ ୟୁରୋପୀୟ କମ୍ପାନୀଗୁଡ଼ିକ ଲାଗି ଭାରତରେ ବୃହତ୍ ବାଣିଜ୍ୟ ସୁଯୋଗ ସୃଷ୍ଟି ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି।
– ପୀୟୂଷ ଗୋୟଲ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ

## ସଂକ୍ଷେପରେ

### ଜିଏସ୍‌ଟି କ୍ଷତିପୂରଣ ବିଳମ୍ବକୁ ନେଇ ରାଜ୍ୟଗୁଡ଼ିକର ଉଦ୍‌ବେଗ




**ନୂଆଦିଲ୍ଲୀ,୨୦-୧୧:** ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) କ୍ଷତିପୂରଣ ପ୍ରଦାନକୁ ନେଇ ବିଭିନ୍ନ ରାଜ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହା ଦ୍ୱାରା ରାଜ୍ୟଗୁଡ଼ିକ ବିଭିନ୍ନ ସମସ୍ୟା ସାମ୍ନା କରୁଥିବା କହିଛନ୍ତି। ଦିଲ୍ଲୀ, ପଶ୍ଚିମବଙ୍ଗ, ପଞ୍ଜାବ,କେରଳ ଏବଂ ରାଜସ୍ଥାନ ଭଳି ରାଜ୍ୟଗୁଡ଼ିକର ଅର୍ଥମନ୍ତ୍ରୀମାନେ ମିଳିତ ଭାବେ ଏକ ପ୍ରେସ ଇସ୍ତାହାରରେ ଏ ନେଇ ସୂଚନା ଦେଇଛନ୍ତି। କେନ୍ଦ୍ର ସରକାର ଗତ ୨ ମାସ ହେବ ରାଜ୍ୟଗୁଡ଼ିକୁ ଜିଏସ୍‌ଟି ବାବଦ କ୍ଷତିପୂରଣ ଦେଇ ନ ଥିବା ସୂଚନା ରହିଛି। ଏ ପ୍ରସଙ୍ଗରେ ବିବୃତି ରଖି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଅମିତ ମିତ୍ର କହିଛନ୍ତି ଯେ, ଏ ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଏହି ପ୍ରସଙ୍ଗକୁ ଗୁରୁତ୍ୱ ସହ ବିଚାର କରିବାକୁ ତାଙ୍କୁ କୁହାଯିବ। ସମ୍ବିଧାନର ନିୟମକୁ ଅଣଦେଖା ନ କରି ରାଜ୍ୟଗୁଡ଼ିକୁ ଶୀଘ୍ର କ୍ଷତିପୂରଣ ପ୍ରଦାନ ଦିଗରେ କେନ୍ଦ୍ର ସରକାର ପଦକ୍ଷେପ ନେବା ଉଚିତ। ପ୍ରଥମଥର ଲାଗି ଏଭଳି ହୋଇଥିବା ସେ ଖବରଦାତାଙ୍କୁ ସୂଚନା ଦେଇଛନ୍ତି।

### ଫର୍ଚ୍ୟୁନ ବିଜନେସ୍ ପର୍ସନ ଅଫ୍ ଦି ଇୟର ତାଲିକାରେ ୩ ଭାରତୀୟ



**ନୂଆଦିଲ୍ଲୀ,୨୦-୧୧:** ଫର୍ଚ୍ୟୁନ ପକ୍ଷରୁ ପ୍ରକାଶିତ ୨୦୧୯ ବିଜନେସ ପର୍ସନ ଅଫ୍ ଦି ଇୟର ତାଲିକାରେ ୩ ଭାରତୀୟ ସାମିଲ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲା, ମାଷ୍ଟର କାର୍ଡ ସିଇଓ ଅଜୟ୍ ବାଙ୍ଗା ଏବଂ ଆରିଷ୍ଟାର ପ୍ରମୁଖ ନିର୍ବାହୀ ଜୟଶ୍ରୀ ଉଲ୍ଲାଲ ସାମିଲ ଅଛନ୍ତି। ତାଲିକାର ପ୍ରଥମ ସ୍ଥାନରେ ସତ୍ୟ ନାଡେଲା ଥିବା ବେଳେ ଅଷ୍ଟମ ସ୍ଥାନରେ ଅଜୟ୍ ବାଙ୍ଗା ଏବଂ ୧୮ତମ ସ୍ଥାନରେ ଜୟଶ୍ରୀ ଉଲ୍ଲାଲ ରହିଛନ୍ତି। ଫର୍ଚ୍ୟୁନର ଏହି ସୂଚୀରେ ବ୍ୟବସାୟ ଜଗତର ୨୦ ପ୍ରମୁଖ ଲିଡରଙ୍କୁ ସାମିଲ କରାଯାଇଛି। ସାହସର ସହ ଲକ୍ଷ୍ୟ ହାସଲ ଦିଗରେ ଏମାନେ ନିଜର ଯୋଗଦାନ ରଖିଛନ୍ତି। ଚ୍ୟାଲେଞ୍ଜିଂ ସ୍ଥିତି ସାମ୍ନା କରିବା ସହ ଅଭିନବ ସମାଧାନ ବାହାର କରିବା ଦିଗରେ ଏହି ବ୍ୟକ୍ତିବିଶେଷଙ୍କ ବିଶେଷ ଯୋଗଦାନ ରହିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ତାଲିକାର ପ୍ରଥମ ସ୍ଥାନରେ ଥିବା ସତ୍ୟ ନାଡେଲା ୨୦୧୪ ପରଠାରୁ ମାଇକ୍ରୋସଫ୍ଟର ମଙ୍ଗ ସମ୍ଭାଳିଥିବା ଜଣାପଡ଼ିଛି।

# ଟ୍ରେଡ ୱାରରୁ ଫାଇଦା ନେବାକୁ ମାଷ୍ଟର ପ୍ଲାନ

- ଟେସ୍‌ଲା ଭଳି ବଡ କମ୍ପାନୀକୁ ଆମନ୍ତ୍ରଣ ଯୋଜନା
- ଜମି ଏବଂ ଆନୁଷଙ୍ଗିକ ସୁବିଧା ଯୋଗାଇ ଦିଆଯିବ
- ପ୍ରସ୍ତାବ ଉପରେ ପିଏମ୍‌ଓର ବିଚାର
- ନଜରରେ ଅଛନ୍ତି ମୋଟ୍ ୩୨୩ କମ୍ପାନୀ

**ନୂଆଦିଲ୍ଲୀ,୨୦-୧୧**

ଆମେରିକା ଏବଂ ଚାଇନା ମଧ୍ୟରେ ଚାଲିଥିବା ଟ୍ରେଡ ୱାର (ବାଣିଜ୍ୟ ଯୁଦ୍ଧ)ର ଫାଇଦା ନେବାକୁ ଭାରତ ଏବେ ମାଷ୍ଟର ପ୍ଲାନ ପ୍ରସ୍ତୁତ କରୁଥିବା କୁହାଯାଉଛି। ଟେସ୍‌ଲା ଇଙ୍କ୍ ସମେତ ଗ୍ଲାକ୍ସୋସ୍ମିଥ୍‌ଲାଇନ ପିଏଲ୍‌ସି ଭଳି ପ୍ରାୟ ୩୨୪ କମ୍ପାନୀଙ୍କୁ ଘରୋଇ ବଜାରରେ ମାନୁଫାକ୍ଚରିଂ ୟୁନିଟ୍ ସ୍ଥାପନା ପାଇଁ ଜମି ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଯୋଗାଇ ଦେବା ଲାଗି ଏବେ ଯୋଜନା ହେଉଥିବା ବ୍ଲୁମବର୍ଗ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସରକାର ତାଙ୍କ ପ୍ରସ୍ତାବରେ କହିଛନ୍ତି ଯେ, ଶକ୍ତି, ଜଳଯୋଗାଣ, ରାସ୍ତା ସୁବିଧା ମଧ୍ୟ ଯୋଗାଇ ଦିଆଯିବ। ଶିଳ୍ପ ପ୍ରୋତ୍ସାହନ, ଆନ୍ତଃ ବାଣିଜ୍ୟ ଏବଂ ଭାରତରେ ନିବେଶ ବିଭାଗ ପକ୍ଷରୁ ଏଥିସଂକ୍ରାନ୍ତ ଏକ ଡ୍ରାଫ୍ଟପେପର ପ୍ରସ୍ତୁତ ହୋଇଛି। ତାଲିକାରେ ଥିବା ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟରେ ଏଲି ଲିଲି ଆଣ୍ଡ କୋ, ଦକ୍ଷିଣ କୋରିଆର ହନହ୍ୱା କେମିକାଲ କର୍ପୋରେଶନ ଏବଂ ତାଇୱାନର ହୋନ ହେଁ ପ୍ରିସାଇଜନ ଇଣ୍ଡଷ୍ଟ୍ରି କୋଅପରେଶନ ଭଳି କମ୍ପାନୀ ରହିଛନ୍ତି।

ଭିଏତ୍‌ନାମ,ମାଲେସିଆ ଭଳି ଦେଶ ବାଣିଜ୍ୟ ଯୁଦ୍ଧରୁ ଲାଭବାନ ହୋଇଛନ୍ତି। ଅପରପକ୍ଷରେ ଭାରତରେ ଜମି ଅଧିଗ୍ରହଣ ଏବଂ ଶ୍ରମ ଆଇନ କ୍ଷେତ୍ରରେ ବିଭିନ୍ନ ଜଟିଳତା ଥିବା ଯୋଗୁ ନିବେଶକମାନେ ଭାରତ ଆସିବାକୁ ଇଚ୍ଛା ପ୍ରକଟ କରୁନାହାନ୍ତି। ଭାରତ ପରିବର୍ତ୍ତେ ଚାଇନାରେ ଶିଳ୍ପ ସ୍ଥାପନକୁ ସେମାନେ ବିକଳ୍ପ ଭାବେ ଗ୍ରହଣ କରୁଛନ୍ତି। ସରକାର ରଖିଥିବା ପ୍ରସ୍ତାବରେ ବ୍ୟବସ୍ଥାରେ ଅସୁବିଧା ଦୂରହେବ ବୋଲି ଆଶା କରାଯାଉଛି। ଭାରତକୁ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଭାବେ ଗଢି ତୋଳିବା ଲାଗି ଏବେ ସରକାର ଅଗ୍ରସର ହେଉଛନ୍ତି। ଏଭଳି ସ୍ଥିତି ଦେଶର ଜିଡିପି ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଛି। ଏଣୁ ଅଭିବୃଦ୍ଧିକୁ ଏକ ଠିକ୍ ଦିଗ ପ୍ରଦାନ ଦିଗରେ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇପାରନ୍ତି ବୋଲି ବଜାର ବିଶେଷଜ୍ଞମାନେ ଆଶାପ୍ରକଟ କରିଛନ୍ତି। ଏହି ଯୋଜନା ମୁତାବକ ରେଡି ଟୁ ମୁଭ ଶିଳ୍ପ କ୍ଲଷ୍ଟର ସ୍ଥାପନ ନେଇ ଲ୍ୟାଣ୍ଡ ବ୍ୟାଙ୍କ ସ୍ଥାପନ, ନିବେଶ ଏବଂ ସ୍ଥାନ ଭିତ୍ତିକ ପ୍ରୋତ୍ସାହନ ସୁବିଧା ସୁଯୋଗ ଯୋଗାଣ, ଆଣ୍ଟି ଡମ୍ପିଙ୍ଗ୍ ଟିକସ ହ୍ରାସ ଭଳି ସୁବିଧା ଯୋଗାଣ ନେଇ ପ୍ରସ୍ତାବ ରଖାଯାଇଛି।

ଏହାବାଦ୍ ପ୍ଲଗ ଇନ୍ ଏବଂ ହାଇବ୍ରିଡ ଯାନ, ଇନ୍ଧନ ଦକ୍ଷତା ଏବଂ କାର୍ବନ ଟାକ୍ସେଶନ କ୍ଷେତ୍ରରେ ପ୍ରୋତ୍ସାହନ ପଦକ୍ଷେପକୁ ମଧ୍ୟ ସାମିଲ କରାଯାଇଛି। ଇଲେକ୍‌ଟ୍ରୋନିକ୍ସ ଏବଂ ଟେଲିକମ୍ କ୍ଷେତ୍ର ଲାଗି ସହଜରେ ନିଯୁକ୍ତି, ମାନୁଫାକ୍ଚରିଂ ଭିତ୍ତିକ ପ୍ରୋତ୍ସାହନ ସୁବିଧା, ନିବେଶ ଏବଂ ଭାଲ୍ୟୁ ସଂଯୋଗ ଭିତ୍ତିକ ଯୋଜନାକୁ ମଧ୍ୟ ରୂପରେଖ ପ୍ରଦାନ ଦିଗରେ କାର୍ଯ୍ୟକ୍ରମ ହାତକୁ ନେବା ଲାଗି ଯୋଜନା ଧାର୍ଯ୍ୟ ହୋଇଛି। ୨୦୧୭ରେ ଆସିଥିବା ବିଶ୍ୱ ବ୍ୟାଙ୍କର ଇଜ ଅଫ୍ ଡୁଇଂ ବିଜନେସ ର୍ୟାଙ୍କିଙ୍ଗରେ ଭାରତ ୩୭ ସ୍ଥାନ ଉପରକୁ ଉଠିଛି। ମାତ୍ର ଶିଳ୍ପ ଲାଗି ଜମି ପାଇବା ବିଭିନ୍ନ ସମସ୍ୟା ଏବେ ମଧ୍ୟ ଭାରତରେ ରହିଛି। ଅନେକ ବଡ ବଡ କମ୍ପାନୀ ଅନେକ ବର୍ଷ ଜମି ପାଇଁ ଅପେକ୍ଷା କରିବା ସହ ଶେଷରେ ଭାରତ ଛାଡୁଛନ୍ତି। ଏଭଳି ବିଭିନ୍ନ ପ୍ରସ୍ତାବ ଉପରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ବର୍ତ୍ତମାନ ବିଚାର କରୁଛି। ଶୀଘ୍ର ଏ ନେଇ ଚୂଡାନ୍ତ ନିଷ୍ପତ୍ତି ଆସିଯିବା ନେଇ ଆଶା କରାଯାଉଛି।

ଏହା ଉପରେ ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟର ଉତ୍ତର ଇମେଲ ଯୋଗେ ଲୋଡାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିପାରି ନାହିଁ। ଏସିଆର ତୃତୀୟ ସର୍ବବୃହତ୍ ଅର୍ଥ ବ୍ୟବସ୍ଥା ଭାବେ ପରିଚିତ ଭାରତ ଜୁନ ତ୍ରୈମାସରେ ୫% ଜିଡିପି ଅଭିବୃଦ୍ଧି ହାସଲ କରିଛି। ଏହାବାଦ ଦେଶର ଅର୍ଥନୈତିକ କାର୍ଯ୍ୟକଳାପ ଏବେ ମନ୍ଥର ସ୍ଥିତିରେ ରହିଥିବା ଡାଟାରୁ ସାମ୍ନାକୁ ଆସିଛି। ବିଦେଶୀ ନିବେଶ ଆଗମନ ଏବଂ ରପ୍ତାନି ବୃଦ୍ଧି ହେଲେ ଏହା ଆର୍ଥିକ କାର୍ଯ୍ୟକଳାପକୁ ବଢାଇବା ଦିଗରେ ସହାୟକ ହେଉଥିବାରୁ ଏହାକୁ ସରକାର ପ୍ରାଥମିକତା ଦେଉଛନ୍ତି।

# ଟୟୋଟାର ନୂଆ ଡ୍ରାଇଭିଂ ସ୍କୁଲ




**ଭୁବନେଶ୍ୱର,୨୦-୧୧(ବ୍ୟୁରୋ)**

ଟୟୋଟା କିର୍ଲୋସ୍କାର ମୋଟର୍ସ ପକ୍ଷରୁ ଓଡ଼ିଶାରେ ଏହାର ପ୍ରଥମ ଡ୍ରାଇଭିଂ ସ୍କୁଲ ସ୍ଥାନୀୟ ପଟିଆସ୍ଥିତ ଏସ୍ପିରିଟ ଟୟୋଟା ଶୋ'ରୁମଠାରେ ବୁଧବାର ଉନ୍ମୋଚିତ ହୋଇଛି। ଏହା କମ୍ପାନୀର ୧୩ତମ ଡ୍ରାଇଭିଂ ସ୍କୁଲ ହୋଇଥିବା ବେଳେ ସଡକ ସୁରକ୍ଷାକୁ ଧ୍ୟାନରେ ରଖି ଏହାକୁ ଆରମ୍ଭ କରାଯାଇଛି। ଏହାକୁ ଟୟୋଟା କିର୍ଲୋସ୍କାର ମୋଟର୍ସର ଡେପୁଟି ମ୍ୟାନେଜିଂ ଡାଇରେକ୍ଟର ଏନ୍.ରାଜା, ପରିବହନ କମିଶନର ସଞ୍ଜୀବ ପଣ୍ଡା ଏବଂ ଏସ୍ପିରିଟ୍ ଟୟୋଟା ଶୋ'ରୁମ ସ୍ୱତ୍ୱାଧିକାରୀ ସୁନୀଲ ତର୍ନେଜା ଶୁଭାରମ୍ଭ କରିଥିଲେ। କମ୍ପାନୀ ପକ୍ଷରୁ ଗ୍ରହଣ କରାଯାଇଥିବା ସୁରକ୍ଷା ମିଶନ ସେଫ୍ଟି କାର ଉଇଥ ସେଫ୍ଟି ଡ୍ରାଇଭ କାର୍ଯ୍ୟକ୍ରମ ଅନ୍ତର୍ଗତ ଏଭଳି ଯୋଜନା ହାତକୁ ନିଆଯାଇଛି। ସଡକ ଦୁର୍ଘଟଣା ଯୋଗୁ ପ୍ରତିବର୍ଷ ୧.୫ ଲକ୍ଷ ଲୋକଙ୍କର ଜୀବନହାନି ହେଉଥିବା ବେଳେ ୪୦୦ରୁ ଅଧିକ ଆହତ ହେଉଛନ୍ତି। ଓଡ଼ିଶାରେ ଚଳିତ ବର୍ଷ ସଡକ ଦୁର୍ଘଟଣା ୧୩% ବୃଦ୍ଧି ପାଇଛି। ପ୍ରାୟ ୭୫% ଦୁର୍ଘଟଣାରେ ଚାଳକଙ୍କ ତ୍ରୁଟି ରହୁଛି। ଏଭଳି ସ୍ଥିତିରେ ଡ୍ରାଇଭିଂ ସ୍କୁଲ ଦ୍ୱାରା ସାଧାରଣ ତ୍ରୁଟିର ସମାଧାନ ହୋଇପାରିବ ବୋଲି ମ୍ୟାନେଜିଂ ଡାଇରେକ୍ଟର ଏନ୍.ରାଜା ଏହି ଅବସରରେ ମତ ରଖିଛନ୍ତି। ନୂଆ ସ୍କୁଲ ଦ୍ୱାରା ଲୋକମାନେ ସୁରକ୍ଷିତ ଗାଡିଚାଳନା ନେଇ ତଥ୍ୟ ହାସଲ କରିବାକୁ ସକ୍ଷମ ହେବା ସହ ଉପକୃତ ହୋଇପାରିବେ ବୋଲି ଏସ୍ପିରିଟ୍ ଟୟୋଟା ଏମ୍‌ଡି ସୁନୀଲ ତର୍ନେଜା କହିଛନ୍ତି।

# ଗୃହ ଋଣ କରିବା ପୂର୍ବରୁ ବିଭିନ୍ନ ଦିଗକୁ ବିଚାର କରନ୍ତୁ

## ଅର୍ଥର ଅର୍ଥ



Rupkumar Pradhan
**CERTIFIED FINANCIAL PLANNER[CM], CHARTERED WEALTH MANAGER**
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ଏକ ଘରୋଇ କମ୍ପାନୀରେ କାମ କରୁଛି। ଭୁବନେଶ୍ୱରରେ ଏକ ଫ୍ଲାଟ କିଣିବାକୁ ଚାହୁଁଛି। ବଜେଟ୍ ୪୦-୪୫ ଲକ୍ଷ ଟଙ୍କା ହେବ। ଗୃହଋଣ ନେବା ସମୟରେ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେବାକୁ ପଡିବ? ଯଦି କିଣି ସାରିବା ପରେ ମୁଁ ଫ୍ଲାଟ ଭଡା ଦେବା ପାଇଁ ଚାହେଁ ତେବେ ଆୟକର ପ୍ରଭାବ କ'ଣ ରହିବ?**

–ସନାତନ ଜେନା, ଛତ୍ରପୁର

▶ ଏକ ଗୃହଋଣ ନେବା ପାଇଁ ସହଜ ଏହା ପ୍ରାୟତଃ ଅଧିକାଂଶ ଲୋକ କହିଥାନ୍ତି। କିନ୍ତୁ ପ୍ରକୃତରେ ଗୃହଋଣ ଅନୁମୋଦନ କରିବା ପାଇଁ ଅନେକ କିଛି କାଗଜପତ୍ରର ଆବଶ୍ୟକତା ରହିଛି। ଆପଣ କେତେ ବର୍ଷ ପାଇଁ ଋଣ କରିବେ ଓ କେତେ ସୁଧହାର ରହିବ ଏ ସବୁ ଦିଗକୁ ଦୃଷ୍ଟି ଦେବାକୁ ପଡିବ। ଗୃହଋଣ କରିବା ପୂର୍ବରୁ କିଛି ଦିଗକୁ ଦୃଷ୍ଟି ଦିଅନ୍ତୁ:-

➡ଆପଣଙ୍କ ଗୃହଋଣ ନେବାର ଉପଯୁକ୍ତତା ଉପରେ କ'ଣ ସବୁ ପରିସ୍ଥିତି ପ୍ରଭାବ ରହିବ।

➡କେଉଁ ପ୍ରକାର ସୁଧହାର ରହିବ– ସ୍ଥାୟୀ ସୁଧହାର କିମ୍ବା ବଦଳୁଥିବା ବା ଫ୍ଲୋଟିଙ୍ଗ୍ ରେଟ୍ ସୁଧହାର?

➡ଗୃହଋଣ ନେବା ସମୟରେ ଆଇନ ଅନୁଯାୟୀ ଗୃହଋଣ ବଣ୍ଡ ଉପରେ ଦସ୍ତଖତ କରିବାକୁ ପଡିଥାଏ। ଏହାକୁ ଭଲ ଭାବରେ ପଢ଼ିବା ଦରକାର ଓ ତା'ପରେ ବୁଝି ଦସ୍ତଖତ କରିବା ଉଚିତ।

➡ସୁଧହାର ଉପରେ ମୂଲଚାଲ କରିବା ଉଚିତ ହେବ।

➡ଗୃହଋଣର ଅବଧି ବା ଋଣ ସମୟସୀମା ଯେତେ ଅଧିକ ରହିବ ଅର୍ଥାତ୍ ଗୃହଋଣ ସେତେ ବହୁ ମୂଲ୍ୟ ହେବ।

➡ଆପଣ ଇଚ୍ଛା କଲେ ଗୃହଋଣକୁ ଏକ ବ୍ୟାଙ୍କରୁ ଅନ୍ୟ ବ୍ୟାଙ୍କକୁ ସ୍ଥାନାନ୍ତର କରିପାରିବେ।

ଯଦି ଆୟକର ଛାଡ ପାଇବା ବା ସୁବିଧା ଦୃଷ୍ଟି ରଖିବା ତେବେ ଆପଣ ଏକ ଆର୍ଥିକ ବର୍ଷର ମୂଳଧନ ପଇଠ ରାଶି ସର୍ବାଧିକ ୧.୫ ଲକ୍ଷ ଟଙ୍କା ଆୟକର ନିୟମ ୟୁଏସ୍-୮୦ସି ଅନୁଯାୟୀ ଓ ଏକ ଆର୍ଥିକ ବର୍ଷରେ ସମୁଦାୟ ସୁଧରାଶି ୨ ଲକ୍ଷ ଟଙ୍କା ଆୟକର ନିୟମ ୟୁଏସ୍-୨୪ ଅନୁଯାୟୀ ସୁବିଧା ପାଇପାରିବେ।

ଯଦି ଘର ଭଡା ଦେଇ ଘରଭଡା ଆୟ କରନ୍ତି ତେବେ ଏହା ଆପଣ ଆୟ ସହିତ ମିଶିଯିବ। ଏହା ଗୃହ ସମ୍ପତ୍ତି ଅନୁଯାୟୀ ଆୟକର ପଇଠ କରିବାକୁ ପଡିବ।

ଆମର ପରାମର୍ଶ ଗୃହଋଣ କରିବା ପୂର୍ବରୁ ଅନେକ କିଛି ଦିଗକୁ ସମୀକ୍ଷା କରନ୍ତୁ। ସବୁ ବିଷୟରେ ବୁଝିବା ଓ ତାପରେ ପଦକ୍ଷେପ ନିଅନ୍ତୁ।

**ମୋର କିଛି ଟଙ୍କା ଏନ୍‌ଆର୍‌ଆଇ ଆକାଉଣ୍ଟ ବ୍ୟାଙ୍କ ସ୍ଥାୟୀ ଜମା ଅଛି। ଏହି ସ୍ଥାୟୀ ଜମାର ସୁଧରାଶି ଉପରେ ଆୟକର ଦେବାକୁ ପଡିବ କି? ଏହି ବର୍ଷ ବ୍ୟାଙ୍କ ଟିଡିଏସ୍‌ରେ ଟଙ୍କା କାଟି ଦେଇଛି ଓ ଏହା ଆୟକରରେ ଦେଖାଯାଉଛି। ଯଦି ସୁଧରାଶି ଉପରେ ଆୟକର ନାହିଁ ତେବେ କ'ଣ ସବୁ ଟିଡିଏସ୍ ରାଶି ଫେରି ପାଇବି କି?**

– ମୋହନ ସାହୁ, ଯାଜପୁର

▶ ବ୍ୟାଙ୍କ ସ୍ଥାୟୀ ଜମାର ସୁଧରାଶି ଉପରେ ଆୟକର ପ୍ରଭାବ କ'ଣ ରହିବ ଏହା ଆପଣଙ୍କ ବ୍ୟାଙ୍କ ଜମା ଖାତା ଉପରେ ନିର୍ଭର କରିଥାଏ। ଯଦି ଆପଣ ଏନ୍‌ଆରଇ ଆକାଉଣ୍ଟରେ ବ୍ୟାଙ୍କ ସ୍ଥାୟୀଜମା କରିଛନ୍ତି ତେବେ ଏହି ସ୍ଥାୟୀଜମା ରାଶି ଉପରେ ମିଳୁଥିବା ସୁଧରାଶି ଉପରେ ଆପଣଙ୍କୁ ଆୟକର ଦେବାକୁ ପଡିବ ନାହିଁ। ଏହି ସୁଧରାଶି ସଂପୂର୍ଣ୍ଣ ଆୟକର-ମୁକ୍ତ। ଯଦି ଏହି ସୁଧରାଶି ଉପରେ ବ୍ୟାଙ୍କ ଟିଡିଏସ୍ କାଟିଛନ୍ତି ତେବେ ଆପଣ ଆୟକର ରିଟର୍ନ ଫାଇଲ କରିବା ବେଳେ ଟିଡିଏସ୍ ରାଶି ଫେରିପାଇବା ପାଇଁ ଆବେଦନ କରିପାରିବେ। ଯଦି ଆପଣ ଏନ୍‌ଆରଓ ଆକାଉଣ୍ଟରେ ବ୍ୟାଙ୍କ ସ୍ଥାୟୀ ଜମା କରିଛନ୍ତି ତେବେ ଏହି ସ୍ଥାୟୀ ଜମା ରାଶି ଉପରେ ମିଳୁଥିବା ସୁଧରାଶି ଉପରେ ଆପଣଙ୍କୁ ଆୟକର ଦେବାକୁ ପଡିବ।

**ମୁଁ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଷ୍ଟେଜ୍ ପେନସନ୍ ପଲିସିରେ ୧୧ ବର୍ଷ ପାଇଁ ନିବେଶ କରୁଛି। ଏହି ସ୍କିମରେ ନିବେଶ କରିବା ଚାଲୁ ରଖିବା ଉଚିତ ହେବ କିମ୍ବା ଏହି ସ୍କିମରୁ ବାହାରି ଆସି ଅନ୍ୟ କିଛି ପେନ୍‌ସନ ସ୍କିମରେ ନିବେଶ କରିବି ?**

–ମୋନାଲିସା ମିଶ୍ର, ଆଠଗଡ

▶ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଷ୍ଟେଜ୍ ପେନସନ ପଲିସିର ଅନେକ କିଛି ନିବେଶ ଫଣ୍ଡ ଅଛି। ଏହି ପଲିସିରେ ବର୍ଷକୁ ୪ଟି ମୁକ୍ତ ଫଣ୍ଡ ବଦଳାଇବା ପାଇଁ ସୁବିଧା ପ୍ରଦାନ କରୁଛି। ଏହାର ସୁବିଧାକୁ ବ୍ୟବହାର କରନ୍ତୁ।

ଆପଣ କେଉଁ ଫଣ୍ଡରେ ନିବେଶ କରୁଛନ୍ତି ଓ ଅନ୍ୟନ୍ୟା ତଥ୍ୟ ଜଣାଇ ନାହାନ୍ତି। ଆମର ପରାମର୍ଶ ଆପଣ ଜଣେ ଚାର୍ଟାର୍ଡ ୱେଲଥ ମ୍ୟାନେଜର କିମ୍ବା ସାର୍ଟିଫାଏଡ୍ ଫାଇନାସିଆଲ ପ୍ଲାନରଙ୍କ ସହ ପରାମର୍ଶ କରି ଗାଣିତକ ହିସାବରେ ଏହାର ସମୀକ୍ଷା କରି ପରବର୍ତ୍ତୀ ପଦକ୍ଷେପ ନିଅନ୍ତୁ। ଏପର୍ଯ୍ୟନ୍ତ ଏହାର ଲାଭ ପ୍ରଦାନ ବାର୍ଷିକ କେତେ ସମୀକ୍ଷା କରନ୍ତୁ।

**ଆମ ଠିକଣା**
ବିଜ୍‌ନେସ ଧରିତ୍ରୀ
ଧରିତ୍ରୀ, ବି-୧୫, ରସୁଲଗଡ
ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦


## OFFICE OF THE DIVISIONAL FOREST OFFICER, SATKOSIA WILDLIFE DIVISION, ANGUL

Memo No. 5676 /Dt. 19.11.2019 MM-93

Sealed tenders are invited in two Bid systems for established / reputed / registered / experienced and accredited manufactures for supply of following items for use in Satkosia Wildlife Division, Angul.

| Item | Quantity | Cost of Tender Paper (Rs.) | EMD to be deposited | Specifications |
|---|---|---|---|---|
| Supply, Installation and commissioning of 10 (Ten) Seater FRP Boat | 4 (Four) | 2,000.00 | 2% of the quoted price | Length : 5.60 Mtrs. Breadth : 1.80 Mtrs. Engine 1 no. 25HP Four Stroke Yamaha make Out-Board Engine (Imported) with remote control. Steering :Front Steering System |
| Supply, Installation and commissioning of 20(Twenty) Seater FRP Boat | 2 (Two) | 2,000.00 | 2% of the quoted price | Length : 8.40 Mtrs. Breadth: 2.60 Mtrs. Depth : 1.20 Mtrs. Engine: 1 no.50HP Four Stroke Yamaha Make Out-Board Engine (Imported) with electric starting facility to be provided along with Steering, Gear & Speed Control at the front. Engine should have tilting control arrangement. |
| Supply , Installation and commissioning FRP floating jetty of size 4Mt. X 4 Mt. With 6 Mt.X1.2Mt. walkway | 1 (One) | 1,000.00 | 2% of the quoted price | A final dimension of 4 Mtrs x 4 Mtrs approx. with a minimum depth of 600mm, tyre fenders all around & walkway with railings around the float 0.9 mtr. Height of G.I tubes of 32mm. |

Non transferable tender documents for supply of the items stated above will be available from the office of the Divisional Forest Officer, Satkosia Wildlife Division, Angul, Odisha on payment of tender document cost specified above. The tender document cost which is non- refundable, is payable in shape of crossed Demand Draft drawn in favour of the Divisional Forest Officer, Satkosia Wildlife Division, Angul. The last date of submission of tender document through Registered post /speed post is up to 3.00 pm of 10/12/19.

Sd/-
Divisional Forest Officer,
Satkosia Wildlife Division, Angul

08022/11/0001/1920



## Odisha State Medical Corporation Limited (OSMCL)

In front of Ram Mandir, Convent Square, Unit – III,
Bhubaneswar -751 001
Tel. : (0674) 2380660/2380608
Website : www.osmcl.nic.in Email : logistics.osmcl.od@nic.in
*Assuring Quality, Saving Lives*

**NOTICE INVITING E-TENDER FOR SUPPLY OF DRUGS AND MEDICAL CONSUMABLES (GROUP-IV) FOR THE YEAR 2019-20**

Bid Ref. No. : **OSMCL/2019-20/DRUGS-DHS-GEN(GR-IV)/07** Date: 20/11/2019

CAD-604

**Online Bids** through **e-Tender portal** (https://tendersodisha.gov.in) are invited from eligible bidders for **Supply of Drugs and Medical Consumables (Group-IV)** as per the particulars mentioned below::

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 21 / 11 / 2019, 3.00 PM | |
| 2. | Date & time of Pre-bid meeting | 25 / 11 / 2019, 4.00 PM Venue : Tender Evaluation Room, Odisha State Medical Corporation Ltd., In front of Ram Mandir, Convent Square, Unit – III, Bhubaneswar | |
| 3. | Date & time of Online bid submission | Start Date & Time: 28/11/2019, 3 PM | End Date & Time: 12 /12/2019, 6.00 PM |
| 4. | Date & time for submission of Tender Documents, Tender Document Fee and EMD amount as per section-IV of tender document | Start Date & Time: 13 / 12 / 2019, 10 AM | End Date & Time: 20 / 12 /2019, 11.00 AM |
| 5. | Date & time of online Technical bid opening | 20 / 12 / 2019, 11:00 AM | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in The Authority reserves the right to accept / reject any part thereof or all the bids without assigning any reason thereof.

Sd/-
Managing Director
OSMCL

10112/11/0019/1920



## ODISHA SPACE APPLICATIONS CENTRE (ORSAC)
Department of Science & Technology, Government of Odisha
Plot No.45/48, Jayadev Vihar, Near Gopabandhu Academy of Administration Unit-16, Bhubaneswar

No.CAD-603 :- **ORSAC RFP No.15/2019**

**RFP (TENDER) FOR SELECTION OF FIRMS TO UNDERTAKE DGPS/ETS SURVEY OF MINING LEASE AREA.**

Odisha Space Applications Centre (ORSAC) invites sealed bids from eligible firms to undertake DGPS/ETS survey of mining lease area.

Experienced and establised firms are invited to submit their RFP (Tender) in the prescribed formats. The complete RFP document can be downloaded from the following website : www.orsac.gov.in and www.odisha.gov.in.

28007/11/0014/1920 **CHIEF EXECUTIVE**



## IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR.)
OFFICE OF THE REGISTRAR OF CO-OPERATIVE SOCIETIES, ODISHA ,BHUBANESWAR
DISPUTE CASE NO.-71 / 2019
LL-32

IN THE MATTER OF:
MANAGING DIRECTOR,
ODISHA STATE COOPERATIVE BANK LTD...... ........PLAINTIFF
-:Versus:-
Satya Ranjan Das & ANOTHER....... ........DEFENDANTS

No. 24446 Legal - I (C) **NOTICE** Dated: 08.11.2019

To
1) Satya Ranjan Das ( S.R. No- 346604) , S/o Rama Chandra Das At- Balipur, Po- Sarasankha, Via-Sore, Dist - Balasore - 756045 C/o- Chief Manager of LIC of India, Angul Branch, Angul, At/Po/Ps- Dist- Angul .....Def. No. 1
2) Prafulla Kumar Mishra , S/o - Laxmidhar Mishra At- Matia Sahi, Po- Hakimpada, Dist- Angul At- Kalejpada, Po- Angul NAC, Ps/ Dist- Angul .....Def. No.2

Whereas, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award of Rs. 1,51,692/- (Rupees One Lakh Fifty One Thousand Six Hundred Ninety Two) only as on 31.03.2010 against you with further interest and cost.
Whereas notice issued to you by R.P. with A.D. returned un-served.
Now therefore, take notice through this publication to appear before the Court as above at 8th Floor, Heads of Department Building Bhubaneswar-1 on 29.11.2019 at 11 AM to defend the case failing which the matter shall be decided on merit as per law.

By order of the Court
S. Mohapatra
Sub - Asst. Registrar
Co-operative Sodeties, (Legal)

39012/11/0025/1920

# ଶାରିଶୁଆ ପାହାଡ଼ ଖଣି ଅଞ୍ଚଳ ବୁଲି ଦେଖିଲେ

**ଖଇରା, ୨୦।୧୧(ଡି.ଏନ.ଏ.)**

ଦୁଇ ବନ ସଂରକ୍ଷକ ସନ୍ଦୀପ ତ୍ରିପାଠୀ ଓ ହରିଶଙ୍କର ଉପାଧ୍ୟାୟ ଏବଂ ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବୁଧବାର ଖଇରା ଓ କପ୍ତିପଦା ତହସିଲ ଅଧୀନ ଶାରିଶୁଆ ପାହାଡ଼ର ବିଭିନ୍ନ ଖଣି ପରିଦର୍ଶନ କରି ଫେରିଛନ୍ତି। କପିଳଝୁରୀ ବନ୍ଧନଟା ମୌଜାର ୬୦, ୮୮, ୫୭, ୧୦, ୭୦ ନମ୍ବର ସମେତ ମୋଟ୍ ୧୧ଟି ଖଣି ବୁଲି ସ୍ଥିତି ପରଖିଥିଲେ।

ଶାରିଶୁଆ ପାହାଡରେ ଥିବା ୯୭ ଖଣି ମଧ୍ୟରୁ ମାତ୍ର ୫୦ଟି ବିଧିବଦ୍ଧ ଭାବେ ନିଲାମ ଦିଆଯାଇଥିବା ଜଣାପଡିଥିଲା। ବାଦ୍ ପଡିଥିବା ଅନ୍ୟ ୪୬ଟି ସ୍ଥାନରେ ଚୋରା କାରବାର ହେଉଥିବା ଦେଖି ବନସଂରକ୍ଷକମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବନସଂରକ୍ଷକଙ୍କ ପରିଦର୍ଶନ ବେଳେ ବାରିପଦା ଡିଏଫ୍ଓ ସ୍ୱୟଂ ମଲ୍ଲିକ, ବାଲେଶ୍ୱର ଡିଏଫ୍ଓ ବିଶ୍ୱରାଜ ପଣ୍ଡା, ଖଇରା ତହସିଲଦାର ପ୍ରଦୀପ କୁମାର ସାହୁ, କୁଲଡ଼ିହା ରେଞ୍ଜର ବିଜୟ ମହାପାତ୍ର ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ପରିବେଶ ନିୟମ ଉଲ୍ଲଂଘନ କରାଯାଇ ଖଣି ନିଲାମ ଦିଆଯିବା ସଂକ୍ରାନ୍ତ ମାଲାରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଏଠାରେ ଖଣି ଖୋଳା ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୪ ତାରିଖ ସୁଦ୍ଧା ଆବଶ୍ୟକ କାଗଜପତ୍ର ପ୍ରଦାନ କରିବାକୁ ଟ୍ରିବ୍ୟୁନାଲ ପକ୍ଷରୁ ପ୍ରଶାସନକୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଶାସନିକ ଅଧିକାରୀଙ୍କ ଖଣି ଅଞ୍ଚଳ ପରିଦର୍ଶନ ଗୁରୁତ୍ୱ ରଖୁଛି।



ମୁଖ୍ୟ ବନସଂରକ୍ଷକ ଓ ଜିଲାପାଳ ଶାରିଶୁଆ ପାହାଡ଼ ପରିଦର୍ଶନ କରୁଛନ୍ତି।

- ସ୍ଥିତି ପରଖିଲେ ମୁଖ୍ୟ ବନସଂରକ୍ଷକ ଓ ଜିଲାପାଳ
- ୯୭ ଖଣିରୁ ଲିଜ୍ ଦିଆଯାଇଛି ୫୦
- ବାଦ୍ ପଡିଛି ୪୬ ଖଣି, ଚୋରା କାରବାର ସନ୍ଦେହ

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# ଜେଲ୍ ଗଲେ ୪ର୍ଥ ଶ୍ରେଣୀ କର୍ମଚାରୀ

**ଭଦ୍ରକ ଅଫିସ, ୨୦।୧୧**

ଭଦ୍ରକ ଜିଲା ଧାମନଗର ବ୍ଲକ ହସନାବାଦ ଗ୍ରାମର ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗର ୪ର୍ଥ ଶ୍ରେଣୀ କର୍ମଚାରୀ(ଫିଟର) ସତ୍ୟନାରାୟଣ ମଲ୍ଲିକଙ୍କୁ ବୁଧବାର ଭଦ୍ରକ ଭିଜିଲାନ୍ସ ଟିମ୍ ଗିରଫ କରି ବାଲେଶ୍ୱର ଜେଲ୍‌କୁ ପଠାଇଛି। ଭଦ୍ରକ ଭିଜିଲାନ୍ସ ଡିଏସ୍‌ପି ସଞ୍ଜୟ କୁମାର ଦାସ ମହାପାତ୍ରଙ୍କ ସୂଚନା ଅନୁଯାୟୀ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ସତ୍ୟନାରାୟଣଙ୍କ ଘରେ ଚଢ଼ାଉ କରିଥିଲା। ଦୁଇଟି ପ୍ଲଟ ୨୨ ଲକ୍ଷ ୩୦ ହଜାର, ସୁନା ୫ ଲକ୍ଷ ୩୦ ହଜାର, ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ୧୩ ଲକ୍ଷ, ପୋଷ୍ଟାଲରେ ୯ ଲକ୍ଷ ୭୦ ହଜାର, ନଗଦ ଚେକ୍ ୮୩ ହଜାର, ବିଭିନ୍ନ ଇନ୍ସ୍ୟୁରାନ୍ସ କମ୍ପାନୀରେ ୪୭ ଲକ୍ଷ, ଏଲ୍‌ଆଇସିରେ ୭ ଲକ୍ଷ ୯୫ ହଜାର ଟଙ୍କାର ସମ୍ପତ୍ତି ଥିବା ଯାଞ୍ଚ ବେଳେ ଜଣାପଡ଼ିଛି। ପ୍ରକାଶ ଯେ, ଡିଏସ୍‌ପି ମହାପାତ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ମଙ୍ଗଳବାର ସତ୍ୟନାରାୟଣଙ୍କ ହସନାବାଦସ୍ଥିତ ବାସଭବନ ସମେତ ଶ୍ୱଶୁରଘର ଚାନ୍ଦବାଲି ବ୍ଲକ ତେନ୍ତୁଲିଡିହ ବାସଭବନରେ ଏକା ସମୟରେ ଚଢ଼ାଉ କରିଥିଲା।

# ଡାକ୍ତରଙ୍କୁ ଆକ୍ରମଣ ମାମଲା: ଅଭିଯୁକ୍ତଙ୍କୁ ୩ ମାସ କାରାଦଣ୍ଡାଦେଶ

**ରାଇରଙ୍ଗପୁର,୨୦।୧୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ତିରିଂ ଥାନା ଅଧୀନ ପଣ୍ଡୁପାଣି ଗ୍ରାମରେ ଜଣେ ଆୟୁର୍ବେଦିକ ଡାକ୍ତରଙ୍କୁ ଆକ୍ରମଣ ଓ ଦୁର୍ବ୍ୟବହାର କରିବା ମାମଲାର ବିଚାର କରି ରାଇରଙ୍ଗପୁର ଏସ୍‌ଡିଜେଏମ କୋର୍ଟର ବିଚାରପତି ସତ୍ୟବ୍ରତ ରଣା ଅଭିଯୁକ୍ତଙ୍କୁ ୩ ମାସ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ସେହି ଗ୍ରାମର ହୁଡିଙ୍ଗ ଟୁଡୁ। ୨୦୧୧ ଏପ୍ରିଲ ୧୨ ତାରିଖରେ ଡା.ଅଜୟ କୁମାର ଦଳବେହେରାଙ୍କୁ ଅଭିଯୁକ୍ତ ହୁଡିଙ୍ଗ ଦୁର୍ବ୍ୟବହାର କରିବା ସହ ଆକ୍ରମଣ କରିଥିବା ତିରିଂ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା (ନଂ.୧୪/୧୧) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।




# ସାନଭାଇ ଗୁଳିମାଡ଼ରେ ବଡ଼ଭାଇ ଗୁରୁତର

**ଉଦଳା,୨୦।୧୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଝରଣାସାହି ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ର କରି ବୁଧବାର ସାନଭାଇ ଗୁଳିମାଡ଼ରେ ବଡ଼ଭାଇ ଗୁରୁତର ଆହତ ହୋଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ସନ୍ଧ୍ୟା ସମୟରେ ବୁଦ୍ଧିରାଏ ସିଂ ନିଜ ସ୍ତ୍ରୀ ସହିତ ଚୁଲି ନିକଟରେ ବସିଥିବା ବେଳେ ସାନଭାଇ ଗୁରୁଭା ସେଠାରେ ପହଞ୍ଚି ହଠାତ ଏକ ବନ୍ଧୁକରୁ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ବଡ଼ଭାଇ ବୁଦ୍ଧୁରାଏଙ୍କ ପେଟରେ ଗୋଟିଏ ଏବଂ ଗୋଡ଼ରେ ଦୁଇଟି ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଗୁଳିକାଣ୍ଡ ଘଟାଇ ଗୁରୁଭା ଫେରାର ହୋଇଯାଇଥିବା ଜଣାପଡ଼ିଛି।

# ଘରେ ପଶି ମହିଳାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**କେନ୍ଦୁଝର, ୨୦।୧୧ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଦୈତାରୀ ଥାନା ଅଞ୍ଚଳର ଜଣେ ବିଧବା ମହିଳାଙ୍କୁ ଏକ ଯୁବକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଭିତ୍ତି କରି ପୋଲିସ ବୁଧବାର କିଷାନ ପିଙ୍ଗୁଆ ନାମକ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ଗତ ଶୁକ୍ରବାର ରାତିରେ ଘଟିଥିଲେ ମଧ୍ୟ ସୋମବାର ଥାନାରେ ଅଭିଯୋଗ ହୋଇଥିବା ପୋଲିସ କହିଛି। ମିଳିଥିବା ସୂଚନା ଅନୁଯାୟୀ, ସଂପୃକ୍ତା ବିଧବା ମହିଳା ଏକୁଟିଆ ଘରେ ରହୁଥିଲେ। ଶୁକ୍ରବାର ରାତିରେ ଏହାର ସୁଯୋଗ ନେଇଥିଲେ କିଷାନ। ସେ ସଂପୃକ୍ତ ମହିଳାଙ୍କ କବାଟ ଭାଙ୍ଗି ଘରେ ପଶି ବଳାତ୍କାର କରିଥିଲେ। ଏହି ଘଟଣା କାହାକୁ ଜଣାଇଲେ ଜୀବନରୁ ମାରିଦେବି ବୋଲି ଧମକ ଦେଇଥିଲେ ବୋଲି ମହିଳା ଜଣଙ୍କ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୭୦/୨୦୧୯) ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଥିବା ଘଟଗାଁ ଏସ୍‌ଡିପିଓ ରବୀନ୍ଦ୍ର ମଲ୍ଲିକ କହିଛନ୍ତି।



ଅଭିଯୁକ୍ତ କିଷାନ ପିଙ୍ଗୁଆ।

# ଶ୍ୱଶୁରଙ୍କ ଘରୁ ଜ୍ୱାଇଁଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ସୋର, ୨୦।୧୧(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ଜଡିଦା ପଞ୍ଚାୟତ ଅଧୀନ ରଷୋ ଗ୍ରାମରେ ଘରଜ୍ୱାଇଁ ହୋଇ ରହୁଥିବା ଶ୍ରୀକାନ୍ତ ଷଡ଼ଙ୍ଗୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ବୁଧବାର ଡାକ୍ତରଖାନାରୁ ଉଦ୍ଧାର କରି ତଦନ୍ତ ଚଳାଇଛି। ତାଙ୍କ ଘର କେନ୍ଦ୍ରପଡା ଜିଲା ପାଟପୁରା ଗୋପେଇ ଗ୍ରାମରେ। ସେ ଆଗରୁ ଏକ ଯାତ୍ରା ପାର୍ଟିରେ କାମ କରୁଥିଲେ। ପରେ କଲିକତାରେ ଏକ ଘରୋଇ କମ୍ପାନୀରେ କାମ କରି ପରିବାର ଚଳାଉଥିଲେ। ୧୫ ଦିନ ପୂର୍ବରୁ ସେ କଲିକତାରୁ ଶଶୁର ଘରକୁ ଆସିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଘର ଫ୍ୟାନ୍‌ରେ ଏକ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଦେଖି ପରିବାର ଲୋକେ ତାଙ୍କୁ ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ମୃତଦେହ ବ୍ୟବଚ୍ଛେଦ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଆତ୍ମହତ୍ୟାର କାରଣ ତଦନ୍ତ ପରେ ଜଣାପଡିବ ବୋଲି ପୋଲିସ କହିଛି।

# ରୋଗୀଙ୍କ ସମ୍ପର୍କୀୟ ମହିଳାଙ୍କୁ ଦୁର୍ବ୍ୟବହାର: ଥାନାରେ ମାମଲା

**ରୂପସା,୨୦।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ରୋଗୀଙ୍କ ମହିଳା ସମ୍ପର୍କୀୟଙ୍କୁ ଡାକ୍ତର ଦୁର୍ବ୍ୟହାର ପ୍ରଦର୍ଶନ କରିବା ଘଟଣା ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହେବା ପରେ ପୋଲିସ ବୁଧବାର ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ତଦନ୍ତକାରୀ ଅଧିକାରୀ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ପଚରାଉଚୁରା କରି ଫେରିଛନ୍ତି। ଥାନାରେ ମାମଲା ହେବା ପରେ ଡାକ୍ତର ଜଣକ ବେଶଥ ଅଡୁଆରେ ପଡ଼ିଯାଇଛନ୍ତି। ଅଭିଯୋଗ ମୁତାବକ ସଦର ବ୍ଲକ ଅନ୍ତର୍ଗତ ବଳବୁଧି ଗ୍ରାମର ଜଣେ ମହିଳାଙ୍କ ୧୭ବର୍ଷର ନାତି ଦୀର୍ଘଦିନ ଧରି ଜ୍ୱରରେ ପୀଡ଼ିତ ଥିଲେ। ମଙ୍ଗଳବାର ପୂର୍ବାହ୍ନରେ ସେ ନାତିଙ୍କୁ ଆଣି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ରାତି ପର୍ଯ୍ୟନ୍ତ ଜ୍ୱର ନ ଛାଡିବାରୁ ମହିଳାଜଣଙ୍କ ଅନ୍ୟ କିଛି ମେଡିସିନ ଲେଖିଦେବାକୁ ଡାକ୍ତରଙ୍କୁ କହିଥିଲେ। ଏଥିରେ ଡାକ୍ତର ଉତ୍ତ୍ୟକ୍ତ ହୋଇ ତାଙ୍କୁ ଗାଳିଗୁଲଜ କରି ଜ୍ୱରାକ୍ରାନ୍ତ ରୋଗୀଙ୍କୁ ବାଲେଶ୍ୱର ରେଫର କରିଦେଇଥିଲେ। ଏ ପରିକି ସେ ସିକ୍ୟୁରିଟି ଗାର୍ଡ଼ଙ୍କୁ ଡାକି ମହିଳା ଓ ତାଙ୍କ ନାତିଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରୁ ବାହାର କରିଦେଇଥିଲେ ବୋଲି ଏତଲାରେ ଦର୍ଶାଯାଇଛି। ଏହି ମହିଳାଙ୍କ ପରିବାର ଲୋକେ ଖବର ପାଇ ସେହି ରାତିରେ ଡାକ୍ତରଖାନାରେ ପହଞ୍ଚି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ଯିବା ଲାଗି ଅସହାୟତା ପ୍ରକାଶ କରି ପୀଡ଼ିତ ନାତିଙ୍କୁ ନେଇ ଘରକୁ ଫେରିଆସିଥିଲେ। ଏନେଇ ବୁଧବାର ବସ୍ତା ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ପୋଲିସ ମାମଲା (ନଂ. ୩୬୩/୧୯) ରୁଜୁ କରି ତଦନ୍ତ ଜାରି ରଖିଥବବା କହିଛି। ଏ ସମ୍ପର୍କରେ ମେଡ଼ିକାଲ ଅଫିସର ଡା. ଦେବବ୍ରତ ଜେନାଙ୍କୁ ପଚାରିବାରୁ କହିଲେ, ସେ ଅଭିଯୋଗକାରିଣୀଙ୍କୁ ଲିଖିତ ଭାବେ ଜଣାଇବା ପାଇଁ କହିଥିଲେ। କିନ୍ତୁ ତାଙ୍କ ପାଖରେ ଲିଖିତ ଅଭିଯୋଗ ନ କରି ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# କର୍ମଚାରୀ ଅଭାବ, ଆରଟିଓରେ ଅଚଳାବସ୍ଥା

କେନ୍ଦୁଝର, ୨୦।୧୧ (ସ୍ୱ.ପ୍ର.)

କେନ୍ଦୁଝର ଭଳି ଖଣିଖାଦାନ ଓ ଶିଳ୍ପ ସମୃଦ୍ଧ ଅବିଭକ୍ତ ଜିଲାରେ କର୍ମଚାରୀ ଅଭାବ ଯୋଗୁ ଆରଟିଓ କାର୍ଯ୍ୟାଳୟରେ କାମ ବ୍ୟାହତ ହେଉଛି । ଏହି କାର୍ଯ୍ୟାଳୟରେ ୭ ଜଣ କ୍ଲର୍କଙ୍କ ମଧ୍ୟରୁ ମାତ୍ର ୩ ଜଣରେ କାମ ଚାଲିଛି । ଫଳରେ କାମ ହୋଇପାରୁନାହିଁ । ଆଉଟ ସୋର୍ସିଂ ଦ୍ୱାରା ବାହାର କାମ ହୋଇଯାଉଥିଲେ ହେଁ ମୁଖ୍ୟ କାମ ହୋଇ ପାରୁନାହିଁ । ସେହିପରି ବିଶେଷ କରି ରେକର୍ଡ ରଖିବା ଓ ଯାଞ୍ଚ କରିବା ଭଳି ଗୁରୁତ୍ୱପୂର୍ଣ୍ଣ କାମ କିରାଣୀ ମାନେ କରିଥାନ୍ତି। ଜୁନିୟର ଏମଭିଆଇ ୬ ସ୍ଥାନରେ ଅଛନ୍ତି ମାତ୍ର ୩ ଜଣ। ସେହିପରି ଟ୍ରାଫିକ ଇନ୍ସପେକ୍ଟର ୨ ଜଣଙ୍କ ସ୍ଥାନରେ ଜଣେ ରହିଛନ୍ତି । ସେହିପରି ଅନ୍ୟ ପଦବୀ ଖାଲି ପଡିଥିବାରୁ ସମସ୍ୟା ଗୁରୁତର ହୋଇ ପଡୁଛି ।

ଜିଲାର ଗୁରୁତ୍ୱପୂର୍ଣ୍ଣ ବଡବିଲ ସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପ୍ରାୟ ୫ ବର୍ଷ ହେଲା ଖୋଲିଥିଲେ ହେଁ ଅଦ୍ୟାବଧି କର୍ମଚାରୀ ଦିଆଯାଇନାହିଁ। ସେଠାରେ ଜଣେ କିରାଣୀ କେନ୍ଦୁଝରରୁ ଡେପୁଟେସନରେ ଯାଇ ସମସ୍ତ ଅଫିସ କାମ ଚଳାଉଛନ୍ତି। ଜଣେ ଅତିରକ୍ତ ଆରଟିଓ, ଜଣେ ଏମଭିଆଇ କାମ କରୁଛନ୍ତି। ଜିଲାର ସର୍ବାଧିକ ଟ୍ରକ ଓ ଅନ୍ୟାନ୍ୟ ଗାଡି ଖଣିଖାଦନ ଭରା ବଡବିଲ ଅଞ୍ଚଳରେ ରହିଛି । ତେବେ ଏହାକୁ ସରକାର ଅଣଦେଖା କରୁଥିବା ଓ କର୍ମଚାରୀ ନିଯୁକ୍ତି ଦେବାରେ ବିଳମ୍ବ କରୁଥିବାରୁ ବହୁ ସମସ୍ୟା ସୃଷ୍ଟି ହେଉଛି ।

ରେଗୁଲାର କାମକାର୍ଯ୍ଯ କର୍ମଚାରୀ ଅଭାବରୁ ବାଧାପ୍ରାପ୍ତ ହେଉଥିବା ବେଳେ ଏବେ ସରକାରଙ୍କ ଆଦେଶ କ୍ରମେ ସମସ୍ତ ଉପଖଣ୍ଡରେ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ ଏବଂ ସ୍ୱତନ୍ତ୍ର କ୍ୟାମ୍ପ ପରିସ୍ଥିତିକୁ ଅଧିକ ଜଟିଳ କରିଦେଉଛି ବୋଲି ମତପ୍ରକାଶ ପାଉଛି। କ୍ୟାମ୍ପରେ ଲମ୍ବାଧାଡି ଦେଖିବାକୁ ମିଳୁଛି। ଆବେଦନ କଲେ ମାସକ ପରେ ପ୍ରମାଣପତ୍ର ଯାଞ୍ଚ ପାଇଁ ତାରିଖ ଧାର୍ଯ୍ୟ କରାଯାଉଛି । ଡିସେମ୍ବର ୧ରୁ ପୁଣି ଲାଇସେନ୍ସ, ଫିଟ୍‌ନେସ, ଇନ୍‌ସ୍ୟୁରାନ୍ସ ଆଦି ଧରପଗଡ ହେବ ବୋଲି ଘୋଷଣା ହେବା ପରେ ଲୋକଙ୍କ ମଧ୍ୟରେ ଚିନ୍ତା ବଢିଯାଇଛି ।

ଏଜେଣ୍ଟ/ଦଲାଲ ଧରପଗଡ ହେବା ପରେ ସମସ୍ୟା ସମାଧାନ ହେବା ପରିବର୍ତ୍ତେ ଅଧିକ ବଢିଯାଇଛି । ଯଦିଓ ଦଲାଲ ବ୍ୟବସ୍ଥା ଗ୍ରହଣୀୟ ନୁହେଁ ତେବେ ସେମାନେ ଲୋକଙ୍କ ଠାରୁ କାଗଜପତ୍ର, ଫର୍ମ ଠିକଠାକ କରି ଆବେଦନ କରୁଥିଲେ। ଏବେ ଲୋକ ମାନେ ନିଜେ ଆବେଦନ କରୁଥିବାରୁ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଛନ୍ତି ଏବଂ ଆରଟିଓ ଅଫିସରେ ଭିଡ ଜମୁଛି । ନୂଆ ପରିବହନ ଆଇନ ଲାଗୁ ହେବା ସାଙ୍ଗକୁ ସରକାରଙ୍କ ୫ ଟି (ମୋ ସରକାର) ଅଭିଯାନ ପରିସ୍ଥିତିକୁ ଅଧିକ ଜଟିଳ କରିଦେଉଛି । ଏଣୁ ତୁରନ୍ତ କର୍ମଚାରୀ ନିଯୁକ୍ତି କରା ନ ଗଲେ ଅଚଳ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହୁଛି ବୋଲି ଆଇନଜୀବୀ ସନ୍ତୋଷ ସାହୁ କହିଛନ୍ତି। ଏସମ୍ପର୍କରେ ଆରଟିଓ ନିର୍ମଳ ମହାନ୍ତି କହିଛନ୍ତି ଯେ, କର୍ମଚାରୀ ଅଭାବ ଯୋଗୁ ବହୁ ସମସ୍ୟା ଦେଖାଦେଉଛି । ତେବେ ସୀମିତ କର୍ମଚାରୀରେ କାମ କରୁଛୁ । ବିଶେଷ କରି କିରାଣୀ ସଂଖ୍ୟା ଓ ଜୁନିୟର ଏମଭିଆଇ ନ ଥିବାରୁ ବହୁ ସମସ୍ୟା ଦେଖାଦେଉଛି।

## ସଂକ୍ଷେପରେ



### କୁହୁଡି ଯୋଗୁ ଓଲଟିଲା ଆଳୁ ବୋଝେଇ ଟ୍ରକ

ପାଟଣା,୨୦।୧୧(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ହାତିବାରି ନିକଟରେ ଏକ ୧୪ ଚକିଆ ଆଳୁ ବୋଝେଇ ଟ୍ରକ ବୁଧବାର ଭୋରରୁ ଭାରସାମ୍ୟ ହରାଇ ଓଲଟି ପଡିଛି। ଘନ କୁହୁଡି ଯୋଗୁ ଚାଳକଙ୍କୁ ରାସ୍ତା ଦେଖା ନ ଯିବାରୁ ଏଭଳି ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଫଳରେ ଟ୍ରକର ଚାଳକ ଓ ଖଲାସୀ ଆହତ ହୋଇଥିବା ଜଣାପଡିଛି। କଲିକତା ପାର୍ଶ୍ୱରୁ ମୁମ୍ବାଇ ଅଭିମୁଖେ ଯାଉଥିବା ଗାଡିଟି ଭୋରରୁ ଦୁର୍ଘଟଣାଗ୍ରସ୍ତ ହୋଇଛି।

### ପାୱାରଟିଲର୍ ଦୁର୍ଘଟଣା: ଚାଷୀ ଗୁରୁତର

ଆନନ୍ଦପୁର / ହାଟଡିହୀ, ୨୦।୧୧ (ସ୍ୱ.ପ୍ର./ଡି.ଏନ୍.ଏ.)- ଆନନ୍ଦପୁର ଥାନା ଅନ୍ତର୍ଗତ ଶିବନାରାୟଣପୁରଠାରେ ପାୱାର ଟିଲର୍ ଦୁର୍ଘଟଣାଗ୍ରସ୍ତ ହୋଇଥିବାରୁ ବିଜୟ ଘଡେଇ ନାମକ ଜଣେ ଚାଷୀ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ଗୁରୁତର ଅବସ୍ଥାରେ ଚାଷୀ ବିଜୟଙ୍କୁ ପ୍ରଥମେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥାରେ ଅବନତି ଘଟିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ସେ ବୁଧବାର ଏକ ପାୱାର ଟିଲର୍ ସାହାଯ୍ୟରେ ନିଜ ବିଲରେ ହଳ ବୁଲାଉଥିଲେ। ଗୋଟିଏ ବିଲରେ ହଳ ସାରି ଅନ୍ୟ ଏକ ବିଲକୁ ହଳ କରିବାକୁ ଯାଉଥିବା ସମୟରେ ତାଙ୍କ ବାମ ଗୋଡ଼ଟି ଟିଲର୍ ଚକରେ ଲାଗିଯାଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ।

### ୪ ମଦବେପାରୀ ଗିରଫ

ପାଟଣା, ୨୦।୧୧(ସ୍ୱ.ପ୍ର.)- କେନ୍ଦୁଝର ଜିଲ୍ଲା ପାଟଣା ଅବକାରୀ ଥାନା ପକ୍ଷରୁ ମଙ୍ଗଳବାର ତୁରୁମୁଙ୍ଗା ଥାନାର ବିଭିନ୍ନ ସ୍ଥାନରେ ଚଢ଼ାଉରେ ମୋଟ ୧୦୫ ଲିଟର ମଦ ଜବତ କରି ଏଥିରେ ସମ୍ପୃକ୍ତ ଥିବା ୪ ଜଣ ଲୋକଙ୍କୁ ପାଟଣା ଅବକାରୀ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତି ହେଉଛନ୍ତି ତୁରୁମୁଙ୍ଗା ଥାନା ଖିରେଇଟାଙ୍ଗିରି ଗ୍ରାମ ର ଲିଟୁ ମୁଣ୍ଡା, କଣ୍ଟିଆ ପଡା ଗ୍ରାମର ଶରତ ବେହେରା, ରାଜନଗର ଗ୍ରାମର ସୁନୀଲ ମୁଣ୍ଡା ଓ ଭାନର ପୁର ଗ୍ରାମର ଗୋପାଳ ମହାନ୍ତ। ପାଟଣା ଅବକାରୀ ଅଧିକାରୀ ଦିଲ୍ଲୀପ କୁମାର ତାଣ୍ଡି ଓ ସହଯୋଗୀ ପୁଷ୍ପାଲତା ଗୋସ୍ୱାମୀ, ଜନାର୍ଦ୍ଦନ ପଲେଇ ଓ ରଞ୍ଜନ କୁମାର ସାହୁ ପ୍ରମୁଖ ଏହି ଚଢ଼ାଉରେ ସାମିଲ ଥିଲେ।

### ବ୍ରାହ୍ମଣ ସମାଜର ନୂତନ କର୍ମକର୍ତ୍ତା ନିର୍ବାଚନ

ଘଟଗାଁ, ୨୦।୧୧- ଘଟଗାଁ ବ୍ରାହ୍ମଣ ସମାଜ ପକ୍ଷରୁ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବରିଷ୍ଠ ସଭ୍ୟ ରମେଶ ଚନ୍ଦ୍ର ମିଶ୍ର ଅଧକ୍ଷତା କରିଥିଲେ। ଘଟଗାଁ ଅଞ୍ଚଳରେ ସମସ୍ତ କାର୍ଯ୍ୟ ଉକ୍ତ ସମାଜ ପକ୍ଷରୁ କରାଯିବା ସହିତ ଏକତା ସମ୍ପର୍କରେ ଆଲୋଚନା ହୋଇଥିଲା। ବ୍ରାହ୍ମଣ ସମାଜର ସଭାପତି ଦିଲୀପ କୁମାର ପ୍ରହରାଜ ଚଳିତ ବର୍ଷ ପାଇଁ ନୂତନ କମିଟି ଗଠନ ଲାଗି ପ୍ରସ୍ତାବ ଦେଇଥିଲେ। ଏଥିରେ ନୂତନ କମିଟି ସହିତ ଏକ କାର୍ଯ୍ୟକାରୀ ସଭ୍ୟମାନଙ୍କୁ ମନୋନୀତ କରାଯାଇଥିଲା। ତେବେ ନୂତନ କମିଟିରେ ସଭାପତି ଭାବେ ଦିଲୀପ ପ୍ରହରାଜ, ଉପସଭାପତି ରମେଶ ଚନ୍ଦ୍ର ମିଶ୍ର, ସମ୍ପାଦକ ପ୍ରଳୟ ପ୍ରହଞ୍ଜନ ଶତପଥୀ, ସହସମ୍ପାଦକ ସୁବ୍ରତ କୁମାର ପଣ୍ଡା ଓ କୋଷାଧକ୍ଷ ଭାବେ ଜଗବନ୍ଧୁ ସାଙ୍କୁ ମନୋନୀତ କରାଯାଇଥିଲା। ସେହିପରି କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ କମଳାକାନ୍ତ ମିଶ୍ର, ଗିରିଜା ନନ୍ଦନ ମିଶ୍ର, କେଶବ ଚନ୍ଦ୍ର ଆଚାର୍ଯ୍ୟ, ଭୀମସେନ କର, ସଚ୍ଚିଦାନନ୍ଦ ମିଶ୍ର ମନୋନୀତ ହୋଇଥିବା ବେଳେ ପରାମର୍ଶଦାତା ଭାବେ ବରିଷ୍ଠ ସଭ୍ୟ ଲକ୍ଷ୍ମୀଧର ପାଢ଼ୀ, ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଓ ରବୀନ୍ଦ୍ର ନାରାୟଣ ନନ୍ଦ ପ୍ରମୁଖଙ୍କୁ ନେଇ ନୂତନ କମିଟି ଗଠନ କରାଯାଇଥିଲା । ଏହି ବୈଠକରେ ୬୦ରୁ ଉର୍ଦ୍ଧ୍ୱ ବ୍ରାହ୍ମଣ ସମାଜ ସଦସ୍ୟ ଉପସ୍ଥିତ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ପ୍ରକୃତିପ୍ରେମୀଙ୍କ ନିଆରା ସଚେତନତା
# ପ୍ରଥମାଷ୍ଟମୀରେ ବୃକ୍ଷ ପୂଜା



ଅଶ୍ୱତ୍ଥ ବୃକ୍ଷକୁ ପଢୁଆଁ କରିବା ସହିତ ପୂଜାର୍ଚ୍ଚନା କରାଯାଉଛି।

ଚମ୍ପୁଆ, ୨୦।୧୧(ଡି.ଏନ.ଏ)

ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ସରକାରୀ ରିମୁଳି ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନଠାରେ ପ୍ରକୃତିପ୍ରେମୀଙ୍କ ସବୁଜ ପୃଥିବୀ ନିର୍ମାଣ ପାଇଁ ନିଆରା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମାଷ୍ଟମୀରେ ଘରର ବଡମାନଙ୍କୁ ପଢୁଆଁ କରାଯାଉଥିବା ବେଳେ ଏହି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ ପରିସରରେ ଥିବା ଏକ ପୁରାତନ ଅଶ୍ୱତ୍ଥ ବୃକ୍ଷକୁ ପଢୁଆଁ କରିବା ସହିତ ପୂଜାର୍ଚ୍ଚନା କରିଥିଲେ। ସୂଚନା ଅନୁସାରେ ପ୍ରକୃତିବନ୍ଧୁ ପୁରସ୍କାର ପ୍ରାପ୍ତ ରିମୁଳି ଶିକ୍ଷକ ଶିକ୍ଷାପ୍ରତିଷ୍ଠାନର ପ୍ରଶିକ୍ଷକ ରମାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଶିକ୍ଷା ପ୍ରତିଷ୍ଠାନର ଅନ୍ତେବାସୀଙ୍କ ସହଯୋଗରେ ବୁଧବାର ସକାଳେ ଶିକ୍ଷାନୁଷ୍ଠାନ ପରିସରରେ ଏହି ବୃକ୍ଷକୁ ପୂଜା କରାଯାଇଥିଲା। ପୂଜକ ନଳିନୀ କୁମାର ମିଶ୍ରଙ୍କ ଦ୍ୱାରା ଯଥାରୀତି ଅନୁଯାୟୀ ପୂଜା କାର୍ଯ୍ୟ ସମ୍ପନ୍ନ କରାଯାଇଥିବା ବେଳେ ଭାରପ୍ରାପ୍ତ ଅଧକ୍ଷ ସୁରେଶ ଚନ୍ଦ୍ର ମହାନ୍ତ, ପ୍ରଶିକ୍ଷିକା ଲୋଟସ ମହାନ୍ତ, ନମିତା କରଙ୍କ ସମେତ ଛାତ୍ରାବାସର ସମସ୍ତ ଅନ୍ତେବାସୀ ଉପସ୍ଥିତ ଥିଲେ।



ଆଦିବାସୀ ସମ୍ପ୍ରଦାୟର ଲୋକେ ମାଟି ଘରକୁ ଲିପିବା ସହ ରଙ୍ଗେଇବା ପାଇଁ ଏହି ମାଟିକୁ ବ୍ୟବହାର କରିଥାନ୍ତି। ଏହାର ମୂଲ୍ୟ ଗୋଟିଏକୁ ୨୦ ଟଙ୍କା। ବିଶେଷ କରି ଅଷ୍ଟମୀ ସମୟରେ ଏହା ବେଶି ମିଳିଥାଏ। (ଫଟୋ– ନରେଶ ପଟ୍ଟନାୟକ)

## କୁଷ୍ଠ ନିରାକରଣ ନେଇ ଆଲୋଚନାଚକ୍ର

ଯୋଡ଼ା, ୨୦।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ କୁଷ୍ଠ ରୋଗ ଚିହ୍ନଟ ଓ ଏହାର ନିରାକରଣ ନେଇ ବୁଧବାର ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ କୁଷ୍ଠ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଏବଂ ଏହାର କିପରି ନିରାକରଣ କରାଯାଇପାରିବ ସେନେଇ ସଚେତନ କରାଯାଇଥିଲା। ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଡା. ଲକ୍ଷ୍ମୀକାନ୍ତ ସିଂ ଙ୍କ ଦ୍ୱାରା ଆୟୋଜିତ ଏହି ଆଲୋଚନା ଚକ୍ର ବୈଠକରେ ରାଜ୍ୟ କୁଷ୍ଠ ପରାମର୍ଶଦାତା ଡା. ଏସ.ଏନ. ପତି, ଜିଲା କୁଷ୍ଠ ଅଧିକାରୀ ଡା. ଶ୍ରୁତକୀର୍ତ୍ତି ମହାନ୍ତି, ଏନ୍‌ଏମ୍‌ଏସ୍ ହୃଷୀକେଶ ନାୟକ, ସ୍ୱାସ୍ଥ୍ୟ ପରିଦର୍ଶକ ଅଚ୍ୟୁତାନନ୍ଦ ପାତ୍ର ଓ ବିଏନ୍‌ଏଲ୍‌ଡବ୍ଲ୍ୟୁ ଉଦୟଭାନୁ ରାଉତ ତଥା ଅନ୍ୟ ସ୍ୱାସ୍ଥ୍ୟକର୍ମୀମାନେ ଉପସ୍ଥିତ ଥିଲେ ।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା କାଟ ଖାଇଲା

କେନ୍ଦୁଝର, ୨୦।୧୧ (ସ୍ୱ.ପ୍ର.)



ଉପସ୍ଥିତ ସରପଞ୍ଚଙ୍କ ସହିତ ଅନ୍ୟ କର୍ମକର୍ତ୍ତା।

ବହୁ ପ୍ରତିକ୍ଷୀତ ସଦର ବ୍ଲକ ହାଣ୍ଡିଭଙ୍ଗା ପଞ୍ଚାୟତର ସରପଞ୍ଚ ବୀଣାପାଣି ସୋରେନଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ସଦସ୍ୟମାନଙ୍କ ଅନୁପସ୍ଥିତ କାରଣରୁ କାଟ ଖାଇଛି। ଏନେଇ ବୁଧବାର ହାଣ୍ଡିଭଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ ସଦର ତହସିଲଦାର ପ୍ରକାଶ ବେହେରାଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ଭୋଟ ଗ୍ରହଣ ହୋଇଥିଲା। ତେବେ ତିନିଭାଗରୁ ୨ ଭାଗ ସଦସ୍ୟ ଉପସ୍ଥିତ ନ ଥିବାରୁ ଭୋଟ ଗ୍ରହଣ ହୋଇ ପାରିଲା ନାହିଁ ଏବଂ ଅନାସ୍ଥା ପ୍ରସ୍ତାବ କାଟଖାଇଲା ବୋଲି ସଦର ତହସିଲଦାର ପ୍ରକାଶ ବେହେରା ସୂଚନା ଦେଇ କହିଛନ୍ତି।

ସରପଞ୍ଚ ଓ ୧୫ ଜଣ ୱାର୍ଡ ମେମ୍ବର ସମେତ ୧୬ ଜଣ ଏହି ଭୋଟ ଦାନରେ ସାମିଲ ହେବାର ଥିଲା। କିନ୍ତୁ ସେଥିରୁ ୯ ଜଣ ଉପସ୍ଥିତ ଥିଲେ। କୋରମ ପାଇଁ ୧୧ ଜଣ ସଦସ୍ୟଙ୍କ ଉପସ୍ଥିତିର ଆବଶ୍ୟକତା ଥିଲା। ତେବେ ସରପଞ୍ଚଙ୍କ ଉପରେ ଆସ୍ଥା ରଖିଥିବା ୬ ଜଣ ସଦସ୍ୟଙ୍କ ସମେତ ୯ ଜଣ ଅନୁପସ୍ଥିତି ଯୋଗୁ ଭୋଟ ଗ୍ରହଣ ହୋଇପାରିଲା ନାହିଁ ବୋଲି ଜଣାପଡିଛି। ସରପଞ୍ଚ ବୀଣାପାଣିଙ୍କ ପଦବୀ ବଳବତ୍ତର ରହିଲା । ଫଳରେ ତାଙ୍କ ସମର୍ଥକଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଥିଲା। ଆଗକୁ ତାଙ୍କ ବିରୋଧରେ ଏକ ବର୍ଷ ପର୍ଯ୍ୟନ୍ତ ଅନାସ୍ଥା ଆଗତ ହୋଇ ପାରିବ ନାହିଁ। ଏହି ବୈଠକରେ ଆଇନ ଶୃଙ୍ଖଳା ପରିସ୍ଥିତି ରକ୍ଷା ପାଇଁ ଏସଡିପିଓ ପି.ଜେ.ଟପୋ ଓ ଆଇଆଇସି ସଦର ଥାନା ଜୟନାରାୟଣ ଖଣ୍ଡେଇଙ୍କ ନେତୃତ୍ୱରେ ପୋଲିସ ଅଧିକାରୀ ଓ ସୁରକ୍ଷାବଳ ନିୟୋଜିତ ହୋଇଥିଲେ । ସଭାଗୃହ ବାହାରେ ପଞ୍ଚାୟତବାସୀଙ୍କ ଭିଡ ଜମିଥିଲା। ଫଳାଫଳକୁ ନେଇ ସମସ୍ତେ ଅପେକ୍ଷା କରି ରହିଥିଲେ। ପୂର୍ବରୁ ସଦର ବ୍ଲକର ଜନାର୍ଦ୍ଦନପୁର ପଞ୍ଚାୟତର ଅନାସ୍ଥା ସଭାକୁ ୧ ମାସ ଘୁଞ୍ଚାଇ ଦିଆଯାଇଥିବା ବେଳେ ରାଇକଳା ପଞ୍ଚାୟତର ଅନାସ୍ଥା ମାମଲା ହାଇକୋର୍ଟଙ୍କ ଆଦେଶ କ୍ରମେ ସ୍ଥଗିତ ରହିଛି।

# ଶିଶୁ ସୁରକ୍ଷା ସପ୍ତାହ ପାଳନ

ଆନନ୍ଦପୁର, ୨୦।୧୧(ସ୍ୱ.ପ୍ର.)

ନଭେମ୍ବର ୧୪ରୁ ୨୦ ପର୍ଯ୍ୟନ୍ତ ଶିଶୁ ସୁରକ୍ଷା ସପ୍ତାହ ପାଳନ ଅବସରରେ ଆନନ୍ଦପୁର ବ୍ଲକ କୋଡପଡା ଠାରେ ଥିବା ଲକ୍ଷ୍ମୀଧର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁ ମାନଙ୍କୁ ସୁରକ୍ଷା ଦେବା ନିମନ୍ତେ ବିଭିନ୍ନ ସ୍ତରରେ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାବେଳେ ଏହାକୁ ନେଇ ଏବେ ସଚେତନତାର ବାର୍ତ୍ତା ଲୋକାଭିମୁଖୀ ଜୋର କରାଯାଉଛି। ଏହିକ୍ରମରେ ଶିଶୁ ମାନଙ୍କ ସହ ସାଥି ସପ୍ତାହ ପାଳନ ପରିପ୍ରେକ୍ଷୀରେ ଆନନ୍ଦପୁର ଚାଇଲ୍ଡଲାଇନ ପକ୍ଷରୁ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଛି। ଆନନ୍ଦପୁର ଚାଇଲ୍ଡଲାଇନ୍ ଟିମ୍ ଲିଡର୍ ନରେନ୍ଦ୍ର କୁମାର ପରିଡାଙ୍କ ସଂଯୋଜନାର ଆୟୋଜିତ କାର୍ଯ୍ୟକ୍ରମରେ ଆନନ୍ଦପୁର ବ୍ଲକ ଶିକ୍ଷା ଅଧିକାରୀ ଶରତ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନେ ସାରା ବିଶ୍ୱର ସନ୍ତାନ, ସେମାନେ ସୁରକ୍ଷିତ ବିକାଶ ହେଲେ ବିଶ୍ୱ ବିକଶିତ ହେବ ଓ ସୁରକ୍ଷିତ ରହିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସ୍ୱାତିଶ୍ରୀ ସିଂହ ଉପସ୍ଥିତ ଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ବାଳାଶ୍ରମରେ ଦୋସ୍ତି ସପ୍ତାହ ପାଳନ



କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଉଛି।

ଆନନ୍ଦପୁର/ହାଟଡିହୀ, ୨୦।୧୧(ସ୍ୱ.ପ୍ର./ଡି.ଏନ୍.ଏ.)

ଆନନ୍ଦପୁର ଚାଇଲ୍ଡଲାଇନ୍ ପକ୍ଷରୁ ବିଷ୍ଣୁପ୍ରିୟା ବାଳାଶ୍ରମରେ ଚାଇଲ୍ଡଲାଇନ୍ ସେ ଦୋସ୍ତି ସପ୍ତାହ ପାଳନ କରାଯାଇଛି। ବାଳାଶ୍ରମର ଶିଶୁ ମାନଙ୍କୁ ନେଇ ଲମ୍ଫଡିଆଁ ଓ ଦୌଡକୁଦ ପ୍ରତିଯୋଗିତା କରାଯାଇଥିଲା। ପରେ ବାଳାଶ୍ରମ ଗୃହରେ ଏକ ସଭାର ଆୟୋଜନ କରାଯାଇଥିଲା। ଚାଇଲ୍ଡଲାଇନ୍ ସଦସ୍ୟ ଆଇନଜୀବୀ ଭାଗୀରଥି ଦାଶଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଚାଇଲ୍ଡଲାଇନ୍ ଟିମ୍ ଲିଡର୍ ନରେନ୍ଦ୍ର ପରିଡା ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ହାଟଡିହୀ ସରପଞ୍ଚ ଅନସୂୟା ସେଠୀ ଯୋଗଦେଇ ଶିଶୁ ନିଜ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ କଠିନ ଅଧ୍ୟବସାୟ ଦ୍ୱାରା ଉଜ୍ଜୀବିତ କରିବା ପାଇଁ ଆହ୍ୱାନ କରିଥିଲେ। ସମ୍ମାନିତ ଅତଥି ଭାବେ ଆନନ୍ଦପୁର ପ୍ରେସ୍ କ୍ଲବ ସଭାପତି ଗୋପାଳ କୃଷ୍ଣ ରାଉତ, ପୂର୍ବତନ ଜିଲାପରିଷଦ ସଦସ୍ୟ ସନାତନ ବେହେରା, ବରେଣ୍ୟ ଅତିଥି ଭାବେ ବାଳାଶ୍ରମର ସମ୍ପାଦକ ପ୍ରେମାନନ୍ଦ ଦାସ ପ୍ରମୁଖ ଯୋଗଦେଇ ଶିଶୁ ମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଶିକ୍ଷକ, ଅଭିଭାବକ ତଥା ସମାଜ ସମସ୍ତେ ଅଙ୍ଗୀକାର ହୋଇ ସୁରକ୍ଷା ପାଇଁ ଆଗେଇ ଅସିବାକୁ ଆହ୍ୱାନ କରିଥିଲେ। ଏଥିରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇଥିଲା ଏବଂ ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ
# ହରେକୃଷ୍ଣ କ୍ଲବ ଚାମ୍ପିୟନ

କେନ୍ଦୁଝର, ୨୦।୧୧ (ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ କାଉଁରୀକଳା ପଞ୍ଚାୟତ ଖୁଣ୍ଟାପଡା ଗ୍ରାମ ପକ୍ଷରୁ ପ୍ରଥମାଷ୍ଟମୀ ଉପଲକ୍ଷେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୪ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲରେ ହରେକୃଷ୍ଣ କ୍ଲବ ଓ ଏମ୍ପି ଖୁଣ୍ଟାପଡା କ୍ଲବ ମଧ୍ୟରେ ଖେଳ ହୋଇଥିଲା। ହରେକୃଷ୍ଣ ଟିମ୍ ପ୍ରଥମେ ବ୍ୟାଟିଂ କରି ଖୁଣ୍ଟାପଡା ଟିମକୁ ୧୦ ଓଭରରେ ୯୧ ରନ ଟାର୍ଗେଟ ଦେଇଥିଲା। ହରେକୃଷ୍ଣ ଟିମର ଅଧିନାଏକ ହରେକୃଷ୍ଣ ନାଏକ ତାଙ୍କ ପ୍ଲେୟାରଙ୍କର ଭଲ ଫିଲଡିଂ କରି ଶେଷରେ ଖୁଣ୍ଟାପଡା ଟିମକୁ ପିଛା କରି ୬ରନରେ ପରାଜୟ କରିଥିଲେ। ମୁଖ୍ୟଅତିଥି ଭାବେ ୪ନଂ ଜୋନ ଜିଲା ପରିଷଦ ରଥ ମୁଣ୍ଡା ସମିତିସଭ୍ୟ ମାନସ ରଞ୍ଜନ ସାହୁ ଯୋଗଦେଇ ବିଜୟୀ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ।

# ଅନାଥାଶ୍ରମରେ ପ୍ରଥମାଷ୍ଟମୀ

ଆନନ୍ଦପୁର/ଘସିପୁରା ୨୦।୧୧(ସ୍ୱ.ପ୍ର./ଡି.ଏନ୍.ଏ.)

ଘସିପୁରା ଠାରେ ଥିବା ଅନାଥ ଆଶ୍ରମ ''ସେଲଫ ରିଅଲାଇଜେଶନ ମିଶନ'' ପକ୍ଷରୁ ପ୍ରଥମାଷ୍ଟମୀ ପାଳନ କରାଯାଇଛି। ଏଠାରେ ଥିବା କୁନିକୁନି ଅନ୍ତେବାସୀଙ୍କୁ ସକାଳୁ ସ୍ନାନ କରାଇ ଆଶ୍ରମର ମୁଖ୍ୟ ନମିତା ବଳ ଚଉଁରା ମୂଳେ ବସ୍ତ୍ର ପୂଜା ପରେ ସେମାନଙ୍କୁ ବନ୍ଦାପନା କରିଥିଲେ। ନୂଆ ବସ୍ତ୍ର ପିନ୍ଧି ପିଠା ଖାଇ କୁନିକୁନି ପିଲାମାନେ ବେଶ୍ ଖୁସିରେ ଦିନ କାଟିଛନ୍ତି। କେୟାର ଟେକର ମଧୁସ୍ମିତା ନାୟକ ଓ ଶୁଭସ୍ମିତା ରାଉଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ପ୍ରଥମାଷ୍ଟମୀ ପାଇଁ ଆନନ୍ଦପୁର ଉତ୍ସବ ମୁଖରିତ ହାଇଉଠିଛି। ଏଥିପାଇଁ ପରିବାର ପକ୍ଷରୁ ନୂଆ ଲୁଗାପଟାର ଆସର ସହିତ ପିଠାପଣାରେ ଆସର ମଧ୍ୟ ଜମିଥିଲା। ପରିବାରର ବଡ ସନ୍ତାନମାନଙ୍କୁ ପଢୁଆଁ କରାଯାଇ ଯଥାବିଧି ପୂଜାର୍ଚ୍ଚନା ବି କରାଯାଇଥିଲା। ଛୋଟ ଛୋଟ ପିଲାମାନେ ନୂଆ ବସ୍ତ୍ର ପରିଧାନ କରି ବନ୍ଧୁ ପରିଜନଙ୍କ ଘର ବୁଲିଯିବା ସହିତ ଆମୋଦ ପ୍ରମୋଦରେ ମଜି ରହିଥିବା ଦେଖାଯାଇଥିଲା।



ଅନାଥାଶ୍ରମରେ ପିଲାମାନଙ୍କୁ ପଢୁଆଁ କରାଯାଇଛି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ: ଅଭିଯୁକ୍ତ ଗିରଫ

ଯୋଡ଼ା, ୨୦।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଦେଓଝର ଗ୍ରାମର ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ମିଳିଥିବା ସୂଚନାନୁଯାୟୀ, ଚଳିତ ମାସ ୩ ତାରିଖରେ ଉକ୍ତ ଗ୍ରାମର ଜନ୍ ଶବରଙ୍କୁ ମୋଟର ସାଇକେଲ ଭଙ୍ଗାରୁଜାକୁ କେନ୍ଦ୍ର କରି ସେହି ଗ୍ରାମର ଭାସ୍କର ନାଏକ ଏବଂ ତାଙ୍କ ନାବାଳକ ପୁଅ ମରଣାନ୍ତକ ଆକ୍ରମଣ କରିଥିଲେ। ଜନ୍ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ବିଲେଇପଦା ଫାଣ୍ଡିରେ ଅଭିଯୁକ୍ତଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୦୦/୨୦୧୯) ରୁଜୁ କରି ତଦନ୍ତ ଜାରିରଖିଥିଲା। ତେବେ ପୋଲିସ ବୁଧବାର ଅଭିଯୁକ୍ତ ଭାସ୍କର ନାଏକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଏବଂ ଅଭିଯୁକ୍ତ ନାବାଳକଙ୍କୁ ଜୁଭେଲାଇନ୍ ଜଷ୍ଟିସ୍ ହୋମକୁ ପଠାଯିବ ବୋଲି ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

# ଶୁଖିଲା ଗଛ ସାଜିଛି ବିପଦ

ଚମ୍ପୁଆ, ୨୦।୧୧(ଡି.ଏନ.ଏ)



ରାସ୍ତା କଡରେ ବିପଦସଙ୍କୁଳ ଅବସ୍ଥାରେ ଥିବା ଶୁଖିଲା ଗଛ।

ଚମ୍ପୁଆ ମୁଖ୍ୟାଳୟର ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ ଜାତୀୟ ରାଜପଥ କଡରେ ଥିବା ଶୁଖିଲା ଶାଳ ଗଛ ଗୁଡିକ ପଥଚାରୀଙ୍କ ପାଇଁ ବିପଦ ସାଜିଥିବା ବେଳେ ବନ ବିଭାଗ ନିକଟରେ ଏ ନେଇ ଅଭିଯୋଗ ହୋଇଥିଲେ ମଧ୍ୟ ବନ ବିଭାଗ ନୀରବ ଦ୍ରଷ୍ଟା ସାଜିଛି। ସୂଚନା ଅନୁସାରେ ଓଡିଶା ଓ ଝାଡଖଣ୍ଡ ରାଜ୍ୟକୁ ଯାଉଥିବା ଜାତୀୟ ରାଜପଥ ନଂ୨୦ ର ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ଦୀର୍ଘ ଦିନରୁ ଶାଳ ଗଛ ଗୁଡିକ ମରିଯାଇ ଶୁଖିଲା ଅବସ୍ଥାରେ ଠିଆ ହୋଇଥିବା ଦେଖିବାକୁ ମିଳୁଛି। ଏହା ଏକ ଉପାନ୍ତ ଅଂଚଳ ହୋଇଥିବାରୁ ପ୍ରତ୍ୟେକ ଦିନ ଶହ ଶହ ଯାନ ବାହାନ ଚଳାଚଳ କରିବା ସହିତ ଉଭୟ ରାଜ୍ୟର ଜନସାଧାରଣ ବିଭିନ୍ନ କାର୍ଯ୍ୟ ପାଇଁ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ହେଲେ ଏହି ଶୁଖିଲା ଗଛ ଯେ କୌଣସି ମୁହୂର୍ତ୍ତରେ ଜନଜୀବନ ହାନୀ କରିବାର ସମ୍ଭାବନା ଦେଖାଦେଇଛି। ଏ ନେଇ ବନ ବିଭାଗକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉ ନଥିବା ଅତି ପରିତାପର ବିଷୟ ପାଲଟିଛି। ବନ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ତୁରନ୍ତ ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେଇ ଏହି ଶୁଖିଲା ଗଛ ଗୁଡିକୁ ରାସ୍ତା କଡରୁ କାଟିବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

### ବନବିଭାଗ ନୀରବଦ୍ରଷ୍ଟା